Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

ଆବଶ୍ୟକ

The Utkal Samachar

www.theutkalsamachar.com

ଦୈନିକ **'ଉତ୍କଳ ସମାଚାର'** ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rkl, Mob:9439951525, Email: utkalsamachar@gmail.com

✦Vol - 19✦ Issue No:322✦28 March 2024 (Thursday) ✦ Rourkela ✦ Rs.2.00 ✦ Page -1 ✦୧୯ ବର୍ଷ ✦ସଂଖ୍ୟା :୩୨୨✦୨୮ ମାର୍ଚ୍ଚ ୨୦୨୪ (ଗୁରୁବାର)✦ ରାଉରକେଲା ✦ମୂଲ୍ୟ:୫.୨.୦୦✦ ପୃଷ୍ଠା-୬

ସମ୍ବଲପୁରରେ ହେବ ବିଗ୍ ଫାଇଟ୍ !

ମଇଦାନରେ ପ୍ରଣବ-ଧର୍ମେନ୍ଦ୍ର

ସମ୍ବଲପୁର, ୨୭/୩ (ନି/ପ୍ର): ଲୋକସଭା ନିର୍ବାଚନରେ ଏଥର ସମ୍ବଲପୁର ଆସନରେ ବଡ ଲଢେଇ ହେବ । ଏଠାରେ ବିଜେପି ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରାର୍ଥୀ ହୋଇଥିବା ବେଳେ ବିଜେଡି ପକ୍ଷରୁ ମଇଦାନକୁ ଓହ୍ଲାଇବେ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ । ଉଭୟ ନେତା ଗତ କିଛି ମାସ ହେବ ସମ୍ବଲପୁର ଅଂଚଳରେ ବେଶ ବଦବଦା ଜାହିର କରିଛନ୍ତି । କେନ୍ଦ୍ରମନ୍ତ୍ରୀ ବାରମ୍ବାର ସମ୍ବଲପୁର ଗସ୍ତ କରିବା ସହ ଲୋକଙ୍କ ସହ ମିଶିଥିଲେ । ମୋଦୀ ସରକାରଙ୍କ ବିକାଶମୂଳକ କାର୍ଯ୍ୟର ତଦାରଖ କରିଥିଲେ ଏବଂ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଛନ୍ତି । ଗତ କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସମ୍ବଲପୁର ଗସ୍ତରେ ଆସି ଅନେକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ସେପଟେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସମ୍ବଲପୁରରେ ବେଶ ସକ୍ରିୟ ରହିଛନ୍ତି । ବଳକ ବୁହନର ସ୍ପର୍ଧା ପାଇଁ ସମ୍ବଲପୁରରୁ ଲଢିବେ ପ୍ରଣବ । ତାଙ୍କର ସାଙ୍ଗଠନିକ ଦକ୍ଷତା ସାରା ଓଡ଼ିଶା ଦେଖିଛି । ପ୍ରଣବ ଲୋକସଭା ପ୍ରାର୍ଥୀ ହେବା ପରେ ସମ୍ବଲପୁରରେ ଦଳର କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ସମ୍ବଲପୁରରୁ ଏଥର ଆସନରୁ ଦ୍ୱିମୁଖୀ ଲଢେଇ ହେବ ବୋଲି କୁହାଯାଉଛି ।

ଦିଲ୍ଲୀରେ ସାମ୍ବାଦିକଙ୍କୁ ଧକ୍କା ମାରିଲା ପୋଲିସ

ଜୋର ଧରିଲା ତଦନ୍ତ ଦାବି, ନିନ୍ଦା କଲା ପ୍ରେସ୍ କ୍ଲବ୍

ନୂଆଦିଲ୍ଲୀ, ୨୭/୩: ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀକୁ ବିରୋଧ କରାଯାଇଥିବା ବେଳେ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର । ଆମ୍ ଆଦମୀ ପାର୍ଟି କର୍ମୀଙ୍କୁ କଭର କରିବାକୁ ଆସିଥିବା ଫଟୋ ସାମ୍ବାଦିକମାନେ ଦିଲ୍ଲୀ ପୁଲିସର ଆକ୍ରୋଶର ଏକ ମାମଲା ସାମ୍ନାକୁ ଆସିଛି । ଯେଉଁଥିରେ ହିନ୍ଦୁସ୍ଥାନ ଟାଇମ୍ସର ଫଟୋ ସାମ୍ବାଦିକ ସଲମାନ ଅଲ୍ୱୀଙ୍କ ହାତ ଭାଙ୍ଗିଯାଇଛି । ସେଠାରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା ଏବଂ ସେମାନେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଦୁର୍ବ୍ୟବହାର କରୁଥିଲେ । ଜଣେ ପୋଲିସ କର୍ମଚାରୀ ଫଟୋ ସାମ୍ବାଦିକଙ୍କ କଲରକୁ ଧରିଥିଲେ । ଘଟଣାସ୍ଥଳରୁ ଆସିଥିବା ଫଟୋରେ ଜଣେ ପୁଲିସ କର୍ମଚାରୀ ଲଣ୍ଠିଆ ଟୁବେ ସୁପର ଫଟୋ ସାମ୍ବାଦିକ ଅରୁଣ ଠାକୁରଙ୍କ କେଶ ଧରିଥିବା ଦେଖିବାକୁ ମିଳିଛି । ପ୍ରେସ୍ କ୍ଲବ୍ ନିନ୍ଦା କରିଛି । ବିଭିନ୍ନ ଗଣମାଧ୍ୟମ ଅନୁଷ୍ଠାନର ଫଟୋ ସାମ୍ବାଦିକଙ୍କ ସହ ଘଟିଥିବା ଏହି ଘଟଣାକୁ ଦୃଷ୍ଟିରେ ରଖି ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆ ଏକ ବିବୃତି ଜାରି କରି ଦିଲ୍ଲୀ ପୁଲିସର ଆକ୍ରମଣକୁ ନିନ୍ଦା କରିଛି । ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ଏହି ମାମଲାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଆମେ ଦାବି କରୁଛୁ । ତଦନ୍ତ ଚାଲିଥିବା ବେଳେ ପୁଲିସ ଉପରେ ଆକ୍ରମଣ କରିଥିବା ପୁଲିସ କର୍ମଚାରୀଙ୍କୁ ତୁରନ୍ତ ନିୟମିତ କରାଯାଉ ।

କାହାକୁ ଭରସା କରିବେ ଭୁବନେଶ୍ୱର ଭୋଟର

ଅପରାଜିତା ଷଡ଼ଙ୍ଗୀ ନା ମନ୍ମଥ ରାଉତରାୟ ?

ଭୁବନେଶ୍ୱର, ୨୭/୩ (ନି/ପ୍ର): ସାଧାରଣ ନିର୍ବାଚନ-୨୦୨୪ ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି) ଏପର୍ଯ୍ୟନ୍ତ ୧୮ଟି ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ବିଜୁ ଜନତା ଦଳ (ବିଜେଡି) ୯ଟି ସ୍ଥାନରେ ନିଜର ପ୍ରାର୍ଥୀ ଦେଇଛି । ରାଜନୈତିକ ଦୃଷ୍ଟିକୋଣରୁ ଚର୍ଚ୍ଚିତ ଆସନ ଭୁବନେଶ୍ୱର ପାଇଁ ଅପରାଜିତାଙ୍କୁ ବିଜେପି ଟିକେଟ୍ ଦେଇଥିବା ବେଳେ ଏଠାରେ ବିଜେଡିରୁ ଅବତୀର୍ଣ୍ଣ ହୋଇଛନ୍ତି ରାଜ୍ୟ ରାଜନୀତିରେ ଜଣାଶୁଣା ମୁହଁ ସୁର ରାଉତରାୟଙ୍କ ପୁଅ ମନ୍ମଥ । ବିଜେଡି ଘୋଷଣା କରିଥିବା ପ୍ରାର୍ଥୀଙ୍କୁ ନେଇ ଭୁବନେଶ୍ୱରର କିଛି ଭୋଟର ଆଶ୍ଚର୍ଯ୍ୟ ହୋଇପଡ଼ିଛନ୍ତି । କାରଣ ଯଦିଓ ଘୋଷଣା କରାଯାଇ ନଥିଲା । ତଥାପି ଏଠାରୁ ବିଜେଡି ଶ୍ରୀମତୀ ମିଶ୍ରଙ୍କୁ ସାଂସଦ ବିଜେଡ ଦେବ ବୋଲି ଚର୍ଚ୍ଚା ହେଉଥିଲା । ଶ୍ରୀମତୀ ମିଶ୍ର ମଧ୍ୟ ଭୁବନେଶ୍ୱର ସାଂସଦ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଅପରାଜିତା ଷଡ଼ଙ୍ଗୀ ୨୦୧୯ ସାଧାରଣ ନିର୍ବାଚନରେ ଭୁବନେଶ୍ୱର ଲୋକସଭା ଆସନରୁ ବିଜେପି ପ୍ରାର୍ଥୀ ହେଉଥିଲେ । ତାଙ୍କୁ ମୁକାବିଲା କରିଥିଲେ ପୂର୍ବତନ ଆଇପିଏସ୍ ଅଫିସର ଅରୂପ ପଟ୍ଟନାୟକ । ଉଭୟଙ୍କ ମଧ୍ୟରେ ଜୋରଦାର ଲଢ଼େଇ ହୋଇଥିଲା । ଏହା ସତ୍ତ୍ୱେ ବିଜେଡି

ବିଜେଡିର ଲୋକସଭା ପ୍ରାର୍ଥୀ ଘୋଷଣା

ଭୁବନେଶ୍ୱର, ୨୭/୩ (ନି/ପ୍ର): ଲୋକସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ୯ଟି ଲୋକସଭା ଆସନ ପାଇଁ ନାମ ଘୋଷଣା କରାଯାଇଛି । ଭୁବନେଶ୍ୱର ଲୋକସଭା ଆସନରୁ ମନ୍ମଥ ରାଉତରାୟ ପ୍ରାର୍ଥୀ ହୋଇଛନ୍ତି । ଏଠାରେ ବିଜେପିରୁ ଅପରାଜିତା ଷଡଙ୍ଗୀ ପ୍ରାର୍ଥୀ ହୋଇଛନ୍ତି । ସେହିପରି ମୟୂରଭଞ୍ଜରୁ ସୁଦାମ ମାରାଣ୍ଡି, କେନ୍ଦ୍ରାପଡାରୁ ଅଂଶୁମାନ ମହାନ୍ତି, ସୁନ୍ଦରଗଡରୁ ଶ୍ରୀ ଦାଲିପ ତିର୍କୀ, ସମ୍ବଲପୁରରୁ ପ୍ରଣବ ପ୍ରକାଶ ଦାସ, ନବରଙ୍ଗପୁରରୁ ପ୍ରଦୀପ ମାଝି, ଆସିକାରୁ ରଞ୍ଜିତା ସାହୁ, କଳାହାଣ୍ଡିରୁ ଲମ୍ବୋଧର ନିଆଲ ଏବଂ କୋରାପୁଟରୁ ଜୈଶଲ୍ୟ ହିକ୍କା ଟିକେଟ ଦେଇଛି ବିଜେଡି ।

ଭିମସାର ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଡାଇରିଆ ଆକ୍ରାନ୍ତଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

୨୫ ବର୍ଷ ଶାସନରେ ରାଉରକେଲା ପରେ ହୀରାକୁଦରେ ଡାଇରିଆ ବ୍ୟାପିବା କ'ଣ ରୂପାନ୍ତରଣ ? : ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର, ୨୭/୩ (ନି/ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରପ୍ରଧାନ ଆଜି ସମ୍ବଲପୁର ଜିଲ୍ଲାର ହୀରାକୁଦ ସମେତ ପାର୍ଶ୍ୱବର୍ତ୍ତୀ ଅଂଚଳରେ ଡାଇରିଆ ସଂକ୍ରମଣ ଦ୍ୱାରା ଆକ୍ରାନ୍ତ ହୋଇ ଭିମସାର, ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଥିବା ଲୋକମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି । ଆକ୍ରାନ୍ତଙ୍କୁ ଭେଟିବା ପରେ ସେ କହିଛନ୍ତି ଯେ ହୀରାକୁଦରେ ଡାଇରିଆ ଆକ୍ରାନ୍ତ ରୋଗୀଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଲି । ଡାଇରିଆ ଦ୍ୱାରା ଶତାଧିକ ଲୋକମାନେ ଆକ୍ରାନ୍ତ ହେବା ଚିନ୍ତାଜନକ । ତେବେ ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ମୋତେ ଅବଗତ କରାଇଛନ୍ତି । ସମସ୍ତଙ୍କ ଚିକିତ୍ସା ଠିକ୍ ଚାଲୁଥିବା ଜାଣିବାକୁ ପାଇଲି । ଆକ୍ରାନ୍ତଙ୍କ ଆଶୁ ଆରୋଗ୍ୟ କାମନା କରୁଛି । ଓଡ଼ିଶାରେ ପିଇବା ପାଣି ଏକ ମୌଳିକ ସମସ୍ୟା ଭାବେ ଦେଖାଯାଉଛି । ଯେଉଁମାନେ ୨୫ ବର୍ଷ ଧରି ରାଜ୍ୟର ରୂପାନ୍ତରଣ କରିବା କଥା କହୁଛନ୍ତି, ଏହା ରୂପାନ୍ତରଣ କି ? ହୀରାକୁଦ ସହରରେ ନାଗରିକ ମାନଙ୍କୁ ସ୍ୱଚ୍ଛ ପିଇବା ପାଣି ନମିଳିବା ଓ ଡାଇରିଆ ବ୍ୟାପିବା ଦ୍ୱାରା ଶତାଧିକ ଲୋକମାନେ ପୀଡିତ ହେବା ସ୍ଥାନୀୟ ଶାସନ ବ୍ୟବସ୍ଥାର ପାଟିବାପଣିଆକୁ ଦର୍ଶାଉଛି, ଯାହା ଚିନ୍ତାଜନକ । ଓଡ଼ିଶାର ପ୍ରତି ଘରକୁ ପାଇପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ପହଞ୍ଚାଇବା ପାଇଁ ହଜାର ହଜାର କୋଟି ଟଙ୍କା ମୋଦୀ ସରକାର ଦେବା ପରେ ବି ସ୍ଥାନୀୟ ସରକାରର ଅପାଗଗତା କାରଣରୁ ଲୋକମାନେ ଏଥିରୁ ବଞ୍ଚିତ ହେଉଛନ୍ତି । ଜିଛିଦିନ ପୂର୍ବରୁ ରାଉରକେଲା ଭଳି ସ୍ମାର୍ଟ ସିଟିରେ ଏଭଳି ଡାଇରିଆ ବ୍ୟାପିଥିଲା ।

ହୋଲିରେ ଅଶାନ୍ତ ହେଲା ରାଜଧାନୀ

ବୁଲିଲା ଖଣ୍ଡା ଭୁଜାଲି, ଯାହାକୁ ଦେଖିଲେ ଗୋଡ଼ାଇ ହାଣିଲେ



ଭୁବନେଶ୍ୱର, ୨୭/୩ (ନି/ପ୍ର): ହୋଲିରେ ଅଶାନ୍ତ ହେଲା ରାଜଧାନୀର ନୟାପଲ୍ଲୀ ଗଡ଼ସାହି । ଏତେ ସୁକ୍ଷା ସତ୍ତ୍ୱେ ମାଡିଲେ ଅସାମାଜିକ ଯୁବଗୋଷ୍ଠୀ । ବୁଲାଇଲେ ଖଣ୍ଡା ଭୁଜାଲି ଆଉ କଲେ ଗୋଡେଇ ଗୋଡେଇ ଆକ୍ରମଣ । କାର ଭଙ୍ଗାଗୁଡ଼ା ସହ ବାଇକ ଭାଙ୍ଗି ଖେଳାଇଲେ ଆତଙ୍କରାଜ । ଆଜି ଏହି ଅପରାଧ ଅପରାହ୍ନ ସମୟରେ ହୋଇଥିବା ବେଳେ ଏ ନେଇ ନୟାପଲ୍ଲୀ ଥାନାରେ ହୋଇଛି ୫ଟି ଅଭିଯୋଗ ରୁଜୁ । ଅଭିଯୋଗ କାରୀଙ୍କ ସୂଚନା ମୁତାବକ ଦିନ ପ୍ରାୟ ୪ଟା ସମୟରେ ଜଣେ ଗ୍ୟାଙ୍ଗ ରଜିଛି ଅସାମାଜିକ ଯୁବକ ଖଣ୍ଡା ଭୁଜାଲି ଧରି ନୟାପଲ୍ଲୀ ଡ୍ରିଟ କଲୋନି ପଟୁ ପଶିଥିଲେ । ପରେ ନୟାପଲ୍ଲୀ ଗଡ଼ ସାହି ପରେ ଏକ ପାର୍ଟି ଅଫିସ ସାମ୍ନା ଦେଇ ଯିବା ପରେ ପୋଖରୀ ପର୍ଯ୍ୟନ୍ତ ଆତଙ୍କ ଖେଳାଇ ଚାଲିଲେ । ରାସ୍ତାରେ ଯିବା ସମୟରେ ଯାହାକୁ ପାରିଲେ ଆକ୍ରମଣ କଲେ । ଯିଏ ଅବରୋଧ କଲେ ତାକୁ ହାଣି ରକ୍ତାକ୍ତ କଲେ । ଫଳରେ ଯିଏ ଦେଖିଲେ ଘରେ ଲୁଚିଲେ । ଏପରିକି କିଛି ଯୁବକଙ୍କୁ ମଧ୍ୟ ଗୋଡେଇ ଆକ୍ରମଣ ସହ ଘରେ ପଶି ଭଙ୍ଗାଗୁଡ଼ା ଓ ଆକ୍ରମଣ କରିଥିଲେ । ଏନେଇ ପ୍ରାୟ ୬ଜଣ ୭ଜଣ ପୁରୁଷ ମହିଳା ଓ ଯୁବକ ଆହାତ ହୋଇଥିବା ବେଳେ କାର ଗୋଟିଏ ବାଇକ ଗୋଟିଏ କିଛି ଘରର କବାଟ ଭାଙ୍ଗି ସୁଦ୍ଧ କରିଛନ୍ତି । ଏନେଇ ଆହାତ ହସ୍ପିଟାଲ ହସ୍ପିଟାଲରେ ପହଞ୍ଚି ଚିକିତ୍ସିତ ସହ ଆଉ କିଛି ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ।

ଆବଶ୍ୟକ

ଉତ୍କଳ ସମାଚାର

www.theutkalsamachar.com

ଦୈନିକ ପ୍ରକାଶିତ ଖବରକାଗଜ **'ଉତ୍କଳ ସମାଚାର'** ପାଇଁ ପାରାଦ୍ୱୀପ, ଝାରସୁଗୁଡ଼ା,ପୁରୀ, ବାଲେଶ୍ୱର ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No:B/204, Sec-16, Rkl

Mob: 9439951525

email-utkalsamachar@gmail.com

ଭାବବିହ୍ୱଳ ହେଲେ ମନ୍ମଥ

କହିଲେ ବାପାଙ୍କ ଅନୁମତି ନେଇ ମିଶିଛି

ଭୁବନେଶ୍ୱର, ୨୭/୩ (ନି/ପ୍ର): ବିଜେଡିରେ ଯୋଗ ଦେଇଛନ୍ତି ବରିଷ୍ଠ କଂଗ୍ରେସ ବିଧାୟକ ସୁର ରାଉତରାୟଙ୍କ ସାନ ପୁଅ ମନ୍ମଥ ରାଉତରାୟ । ଶଙ୍କ ଭବନରେ ଦଳରେ ସାମିଲ ହୋଇ ମନ୍ମଥ କହିଛନ୍ତି ଯେ ବାପାଙ୍କ ଆଶୀର୍ବାଦ ନେଇ ବିଜେଡିରେ ମିଶିଛି । ଏପରି କହିବା ବେଳେ କିଛି ସମୟ ଭାବବିହ୍ୱଳ ହୋଇଥିଲେ ମନ୍ମଥ । ବାପା ସବୁବେଳେ ଆଗରେ ଯାଇଥିଲେ ମୁଁ ପଛରେ ଯାଉଥିଲି । କିନ୍ତୁ ପ୍ରଥମ ଥର ବାପାଙ୍କ ବିନା ଏକୁଟିଆ ଆସିଛି । ବାପାଙ୍କ ଆଶୀର୍ବାଦ ନେଇ ଆଜି ଏଠାକୁ ଆସିଛି । ବିଜୁ ପଟ୍ଟନାୟକ ମୋର ଆଦର୍ଶ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ଷ୍ଟଲାରସିପ ଏପର୍ଯ୍ୟନ୍ତ ରଖିଛି ବୋଲି କହିଛନ୍ତି । ୫ଟି ଅଧ୍ୟକ୍ଷ ଭିଜେ ପାଣ୍ଡିଆନଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂସା କରିବା ସହ ପରାମର୍ଶ ଦେଇଥିବାରୁ ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି ମନ୍ମଥ । ଏହି ଅବସରରେ ମନ୍ମଥ କହିଛନ୍ତି ଓଡ଼ିଶାକୁ ନେଇ ମୋର ଯେଉଁ ଆଶା ଅଛି ତାହା କେବଳ ବିଜେଡି ଦଳରେ ପୂରା କରାଯାଇପାରିବ । ସବୁ ବର୍ଗ

ସୂଚନା

ହୋଲି ଉପଲକ୍ଷେ 'ଉତ୍କଳ ସମାଚାର' କାର୍ଯ୍ୟାଳୟ ବନ୍ଦ ଥିଲା ।

ସଂପାଦକ

କେନ୍ଦୁଝର ସମାଚାର
A.R. KHAN
ARMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: [06767] 255316
Email: utkalsamachar@gmail.com, Mob: 9437066122

ଜଗତସିଂହପୁର ସଂସଦୀୟ କ୍ଷେତ୍ରକୁ ନେଇ ଆଲୋଚନା : ନବୀନ ନିବାସରେ ୫ ବିଧାୟକ, ସାଂସଦ

ଜଗତସିଂହପୁର,୨୭/୩ (ନି/ପ୍ର) : ନବୀନ ନିବାସରେ ଗୋଟିକ ପରେ ଗୋଟିଏ ଜିଲ୍ଲାର ସମୀକ୍ଷା ଚାଲିଥିବା ବେଳେ ଆଜି ଅପରାହ୍ନରେ ଜଗତସିଂହପୁର ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ବିଧାନସଭା ନିର୍ବାଚନମଣ୍ଡଳୀଗୁଡ଼ିକୁ ନେଇ ଏକ ଜଟିଳତାରୀ ବୈଠକରେ ଆଲୋଚନା କରାଯାଇଛି । ଏହି ଆଲୋଚନାରେ ୫-ଟି ଅଧିକ ଜି.ଏସ. ପାଣ୍ଡିଆନ୍, ବିଜେଡି ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ନୟାଗଡ଼ ବିଧାୟକ ଅରୁଣ ସାହୁ, ସହ-ପର୍ଯ୍ୟବେକ୍ଷକ ଗିରିଶ ଚନ୍ଦ୍ର ଦାଶ, ଜଗତସିଂହପୁର ସାଂସଦ ଡାକ୍ତର ରାଜଶ୍ରୀ ମଲ୍ଲିକ୍, ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ଜଟକ ଜିଲ୍ଲାର ନିଆଳି ବିଧାୟକ ଡାକ୍ତର ପ୍ରମୋଦ କୁମାର ମଲିକ, ମନ୍ତ୍ରୀ ତଥା ପୁରୀ ଜିଲ୍ଲା ଜାଟକପୁର ବିଧାୟକ ବୃଷାରକାନ୍ତି ବେହେରା, ନିମାପଡ଼ା ବିଧାୟକ ସମୀର ରଂଜନ ଦାସ ଓ ଅନ୍ୟ ଜେତେଜଣ ବରିଷ୍ଠ ନେତୃବୃନ୍ଦଙ୍କୁ ନେଇ ଆଲୋଚନା ହୋଇଥିଲା । ବୈଠକରେ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିବା ବେଳେ ସାଂସଦ ପ୍ରାର୍ଥୀ ବୃଢ଼ାନ୍ତ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ଅନ୍ୟପକ୍ଷରେ ସ୍ୱର୍ଗତ ଡାକ୍ତର ବାଗୀମାର ରାଉତଙ୍କର ଶ୍ରାଦ୍ଧକ୍ରିୟା ଚାଲିଥିବାରୁ ତାଙ୍କ ପୁଅ ତଥା ପାରାଦୀପ ବିଧାୟକ ସମିତ ରାଉତରାୟ ଯୋଗ ଦେଇ ନଥିଲେ । ତେବେ ଡିର୍ଲୋଲ ବିଧାୟକ ବିଜୟ ଶଙ୍କରଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା ଜୋର ଧରିଛି । ଏହି ବୈଠକକୁ ବିଜୟଶଙ୍କରଙ୍କୁ ଡକାଯାଇ ନ ଥିଲା ନା' ସେ କୌଣସି ବ୍ୟକ୍ତିଗତ କାରଣରୁ ଅନୁପସ୍ଥିତ ଥିଲେ ସେ ସମ୍ପର୍କରେ କେହି ମୁହଁ ଖୋଲୁ ନାହାନ୍ତି । ମିଳିଥିବା ସୂଚନା ଅନୁସାରେ, ଆଜି ଅପରାହ୍ନରେ ଜଗତସିଂହପୁର ସଂସଦୀୟ କ୍ଷେତ୍ରର ବୈଠକ ପାଇଁ ସମସ୍ତ ବିଧାୟକ, ସାଂସଦ, ପର୍ଯ୍ୟବେକ୍ଷକ ନବୀନ ନିବାସରେ ପହଂଚିଥିଲେ । ଆଲୋଚନାରେ ସାଂସଦ ପ୍ରାର୍ଥୀଙ୍କ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲା । ସାଂସଦ ପ୍ରାର୍ଥୀ ଏକପ୍ରକାର ବୃଢ଼ାନ୍ତ ପର୍ଯ୍ୟାୟରେ ପହଂଚିଥିବା କୁହାଯାଉଛି । ସାଂସଦ ପ୍ରାର୍ଥୀଙ୍କୁ ଜିତାଇବା ଲାଗି ରଣନୀତି ପ୍ରସ୍ତୁତ କରିବା ସହ ସେମିତି ସମସ୍ତ କର୍ମୀ ଏଥିପାଇଁ ପ୍ରୟାସ କରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିପାଇଁ ବିଧାୟକମାନଙ୍କୁ ଅଧିକ ପରିଶ୍ରମ କରିବା ପାଇଁ କୁହାଯାଇଥିଲା । ବିଧାୟକ ପ୍ରାର୍ଥୀ ସମ୍ପର୍କରେ ସେମିତି କୌଣସି ଆଲୋଚନା ହୋଇ ନ ଥିବା ଜଣାପଡ଼ିଛି । ଜିଲ୍ଲା ବଳ ସେମିତି ସବୁ ଆସନରେ ଜିତିବ ତା' ଉପରେ ଗୁରୁତ୍ୱ ଦିଆଯାଇଥିଲା । ସମସ୍ତ କର୍ମୀଙ୍କୁ ଏକାଠି କରି ହୋଲି ପରେ ବଜାୟ କାମରେ ଲାଗି ପଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି ।

ଝୁଲନ୍ତା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୭ ଗୋରୁ ମୃତ, କ୍ଷତିପୂରଣ ଦାବି କଲେ ଗ୍ରାମବାସୀ

ଖଇରା,୨୭/୩ (ନି/ପ୍ର) : ମଙ୍ଗଳବାର ଅପରାହ୍ନ ସମୟରେ ବାଲେଶ୍ୱର ଜିଲ୍ଲା ଖଇରା ଥାନା ବୃଆଗାଁ ଓ ବର୍ଣ୍ଣା ପଂଚାୟତ ଅଧୀନ କୁମାରମୌଦା ଗ୍ରାମ ନିକଟରେ ୧୧କେଭି ବିଦ୍ୟୁତ ତାର ଲାଗି ୩ଟି ଗାଈ,୩ଟି ଖଣ୍ଡ ଓ ଗୋଟିଏ ବାଛୁରି ଛୁଆ ମୃତ୍ୟୁବରଣ କରିଛନ୍ତି । ଗୋପାଳକ ଅନାବି ନାୟକ, ଜାତିକ ରାଉତ, ବାସନ୍ତି ସିଂହୁ କ୍ଷତି ପୂରଣ ପ୍ରଦାନ କରିବା ଲାଗି ଗ୍ରାମବାସୀ ତଥା ଜାଇପା ମଣ୍ଡଳ ସଭାପତି ପଡିତପାବନ ଜର ଟାଟା ପାଖାର ନିକଟରେ ଦାବୀ କରିଛନ୍ତି । ବହୁ ଦିନରୁ ବିଲ ମଝିରେ ତାର ସାମାନ୍ୟ ମାତ୍ର ଝୁଲୁଥିଲା । ଏନେଇ ଅଂଚଳବାସୀ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଲେ ସୁଦ୍ଧା ବିଭାଗୀୟ ତାଙ୍କ କଥା ଶୁଣୁ ନଥିଲେ । ସୋମବାର ସଂଧରେ ହୋଇଥିବା ଝଳକବିଶାଖୀ ଯୋଗୁଁ ବିଦ୍ୟୁତ୍ ଝୁଟି ବଙ୍କା ହେବା ସହ ତାରରେ ଲାଗିଥିବା ଖମ୍ବ ମଧ୍ୟ ଛିଡ଼ି ଯାଇଥିଲା । ଯାହାଫଳରେ ୧୧କେଭି ତଳକୁ ଖସି ଆସିଥିଲା । ଝଳକବିଶାଖୀ ବନ୍ଦ ହେବାପରେ ବିଭାଗୀୟ ବିଭାଗୀୟ କର୍ତ୍ତୃପକ୍ଷ ଉପସ୍ଥଳ ଭଙ୍ଗରେ ମରାମତି ନ କରିବା ହେତୁ ସେହି ତାରରେ ବିଦ୍ୟୁତ୍ ପ୍ରବାହ ଜାରି ରହିଥିଲା । ଏହା ଫଳରେ ଏତେ ବଡ଼ ଦୁର୍ଘଟଣା ଘଟିଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେବେ ତୁରନ୍ତ ଉପରେ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଲୋକମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

ଭୀମକୁଣ୍ଡରେ ବୁଡ଼ି ନାବାଳକ ନିଖୋଜ

ପାଟଣା,୨୭/୩ (ନି/ପ୍ର) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅର୍ନ୍ତଗତ ଭୂମୁରିଆ ପଂଚାୟତ ଘାଟବାଲିଯୋଡି ନିକଟ ବୈତରଣୀ ନଦୀର ଭୀମକୁଣ୍ଡରେ ଆଜି ଅପରାହ୍ନରେ ଜଣେ ୧୫ ବର୍ଷର ନାବାଳକ ଗଭୀର ପାଣିରେ ବୁଡ଼ି ନିଖୋଜ ହୋଇଯାଇଛନ୍ତି । ନିଖୋଜ ନାବାଳକ ନିକଟସ୍ଥ ବଣଶବୁଲଡିହା ଗ୍ରାମର ସେରାଲ ମାଝିଙ୍କ ପୁଅ ଭୀମ ମାଝି ବୋଲି ଜଣାପଡିଛି । ସୂଚନା ଅନୁଯାୟୀ ଗ୍ରାମର କିଛି ଯୁବକ ହୋଲି ଖେଳି ସାରିବା ପରେ ଅପରାହ୍ନରେ ବୈତରଣୀ ନଦୀର ଭୀମକୁଣ୍ଡ ନିକଟ ବଳକିଯାଗି ଗଣ୍ଡକୁ ଗାଧୋଇବା ପାଇଁ ଯାଇଥିଲେ । ଗାଧୋଇବା ସମୟରେ ସେ ଅସାବଧାନତାରୁ ପ୍ରଖର ସ୍ରୋତରେ ପଡି ଯାଇ ଗଭୀର ପାଣିରେ ବୁଡ଼ି ଯାଇଥିଲେ । ସାଙ୍ଗରେ ଯାଇଥିବା ଅନ୍ୟମାନେ ଏହା ଦେଖି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ । ଘଟଣାସ୍ଥଳରେ ପରିବାର ଲୋକେ ପହଂଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନଥିଲା । ଖବର ପାଇ ଆଜି ସନ୍ଧ୍ୟା ସମୟରେ ପାଟଣା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ଖୋଜାଖୋଜି ଜାରି ରଖିଥିବା ପାଟଣା ଅଗ୍ନିଶମ କେନ୍ଦ୍ରାଧିକାରୀ ମନୋରଞ୍ଜନ ମହାନ୍ତ ସୂଚନା ଦେଇଛନ୍ତି । ରାତି ୮ ଟା ସୁଦ୍ଧା ଭୀମ ମାଝୀଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇନାହିଁ । ଗଣ୍ଡରେ ପାଣି ଭର୍ତ୍ତିରା ଖେଳୁଥିବାରୁ ଉଦ୍ଧାର କାର୍ଯ୍ୟରେ ସମସ୍ୟା ଉପୁଜିଛି ।

ବଢୁଛି ତାତି, ହ୍ରାସ ପାଉଛି କୁଆଁରିଆ ଜଳସ୍ତର: ମାର୍ଚ୍ଚରେ ଅଛି ୨୮ ପ୍ରତିଶତ ପାଣି

ଦଶପଲ୍ଲା,୨୭/୩ (ନି/ପ୍ର): ତାତି ବଢ଼ିବା ସାଙ୍ଗକୁ କ୍ରମାଗତ ଭାବେ ହ୍ରାସ ପାଇଚାଲିଛି କୁଆଁରିଆ ଜଳଭଣ୍ଡାରର ଜଳସ୍ତର । ଯାହାକି ବର୍ତମାନ ଜଳ ଭଣ୍ଡାରରେ ମାତ୍ର ୨୮ ପ୍ରତିଶତ ପାଣି ଥିବା ଜଳସମ୍ପଦ ବିଭାଗ ଏସ୍‌ଡିଓ ସୁମିତ୍ କୁମାର ଜେନା କହିଛନ୍ତି । ମାର୍ଚ୍ଚରେ ଜଳଭଣ୍ଡାରର ଏଭଳି ସ୍ଥିତି ଉପରେ ନଜର ପକାଇଲେ ଆଗକୁ ବର୍ଷା ନହେଲେ ଆସନ୍ତା ଜୁଲାଇ ମାସ ବେଳକୁ ଏହାର ଜଳସ୍ତର ୨୮ ପ୍ରତିଶତରୁ ୮ ପ୍ରତିଶତକୁ ଚାଲିଆସିବ ବୋଲି କୁହାଯାଉଛି । ମୁଖ୍ୟତଃ ଏହି ଜଳଭଣ୍ଡାର ଦଶପଲ୍ଲା ବ୍ଲକ୍‌ର ହଜାର ହଜାର ଚାଷୀଙ୍କ ଜୀବନରେଖା ସାଜିଥିବା ବେଳେ ଏଥିରୁ ସହରବାସୀଙ୍କ ତୃଷା ମେଂଟିଥାଏ । ବର୍ତମାନର ସ୍ଥିତି ଉପରେ ଅନୁଧ୍ୟାନ କଲେ ଆଗକୁ ସହରବାସୀଙ୍କ ପାଇଁ ଏହା ବିଷମ ପରିସ୍ଥିତି ସୃଷ୍ଟି କରିବ ବୋଲି କୁହାଯାଉଛି । ୧୯୮୪ ମସିହା ଏପ୍ରିଲ୍ ୧୬ ତାରିଖ ଦିନ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଜଳଭଣ୍ଡାର ଉଦ୍‌ଘାଟନ ହୋଇଥିଲା । ଜଳଭଣ୍ଡାର ନିର୍ମାଣ ହେବାକୁ ପ୍ରାୟ ୪୦ ବର୍ଷ ହୋଇଥିବା ବେଳେ ଏହାଏବେ ପୋତି ହୋଇଗଲାଣି । ୧୨୪ ବର୍ଗକିମି ଅଂଚଳକୁ ନେଇ ନିର୍ମାଣ ହୋଇଥିବା ଏହି ଜଳଭଣ୍ଡାରର ଲମ୍ବ ୧ ହଜାର ୫ ଶହ ୭୬ ମିଟର ଓ ଉଚ୍ଚତା ୨୧ ମିଟର ରହିଛି । ଏହାର ସର୍ବୋଚ୍ଚ ଜଳଧାରଣ କ୍ଷମତା ୧୩୫.୭୦ ମିଟର ରହିଛି । ଖରିଫରେ ୩୭୮୦ ହେକ୍ଟର ଓ ରବି ଋତୁରେ ୧୯୦୮ ହେକ୍ଟର ଚାଷ ଜମି ଜଳସେଚିତ ହେଉଛି । ହେଲେ ଏହାର ପୁନରୁଦ୍ଧାର ପ୍ରତି ଜଳସମ୍ପଦ ବିଭାଗ ଆଖି ବୁଜି ଦେଇଛି । ଜଳଭଣ୍ଡାରରେ ବର୍ତ୍ତମାନ ୨୮ ପ୍ରତିଶତ ପାଣି ରହିଥିବା ବେଳେ ଆଗକୁ ଜଳସଂକଟ ଦେଖାଯିବା ବିଭାଗ ପକ୍ଷରୁ କୁହାଯାଇଛି । ଦଶପଲ୍ଲାବାସୀଙ୍କ ଜୀବନରେଖା କୁହାଯାଉଥିବା ଏହି ଜଳଭଣ୍ଡାର ପ୍ରତି ଜଳସମ୍ପଦ ବିଭାଗର ଅହେତୁକ ଅବହେଳାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମଧ୍ୟରେ ଖୋଭପ୍ରକାଶ ପାଇଛି ।

ରାଜ୍ୟର ଶାସନ ଅଣଓଡ଼ିଆଙ୍କ ହାତରେ ଟେକି ଦେଇଛନ୍ତି ସରକାର: ରୁଦ୍ର ନାରାୟଣ ପାଣି

ଅନୁଗୁଳ,୨୭/୩ (ନି/ପ୍ର) : ନିର୍ବାଚନ ତାରିଖ ଘୋଷଣା ପରଠାରୁ ଚଳଚଂଚଳ ହୋଇ ଉଠିଛି ସମସ୍ତ ରାଜନୈତିକ ଶିବିର । ଓଡ଼ିଶାରେ ବିଜେପି-ବିଜେଡି ମଧ୍ୟରେ ମେଂଟ ହେବ ବୋଲି ଯେଉଁ ଚର୍ଚ୍ଚା ଓ ମନ୍ତଣା ଚାଲିଥିଲା, ସେଥିରେ ମଧ୍ୟ ପୂର୍ଣ୍ଣଛେଦ ପଡ଼ିଛି । ଏ ସବୁ ପରେ ବିଜେପି ଚାର ଲୋକସଭା ପାଇଁ ଏକ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ଓଡ଼ିଶାର ବିଭିନ୍ନ ସ୍ଥାନରେ ମଧ୍ୟ ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇଥିବା ବେଳେ ଢେଙ୍କାନାଳରୁ ପୁଣି ଥରେ ପୂର୍ବତନ ରାଜ୍ୟସଭା ସାଂସଦ ତଥା ବିଜେପିର ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣିଙ୍କ ଉପରେ ଦଳ ଭରସା କରିଛି । ଟିକେଟ ପାଇ ବଳକ ସମସ୍ତ ନେତାଙ୍କୁ ଧନ୍ୟବାଦ ଦେବା ସହ ୨୦୧୯ ସାଧାରଣ ନିର୍ବାଚନରେ ରାଜ୍ୟ ଶାସିତ ସରକାରଙ୍କ ଚତ୍ରାଣ ଯୋଗୁଁ କମ୍ ବ୍ୟବଧାନରେ ହାରିଥିବା ନେଇ ରାଜ୍ୟ ସରକାରଙ୍କୁ ନିନ୍ଦା କରିଛନ୍ତି ରୁଦ୍ର ନାରାୟଣ ପାଣି । ସେ କହିଛନ୍ତି, ରାଜ୍ୟର ଶାସନ ଅଣଓଡ଼ିଆଙ୍କ ହାତରେ ଟେକି ଦେଇଛନ୍ତି ସରକାର । ଢେଙ୍କାନାଳ ଲୋକସଭା କ୍ଷେତ୍ର କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ବାଚନ ମଣ୍ଡଳୀ ହୋଇଥିବାରୁ ସେଠାରୁ ନିର୍ବାଚନ ଲଢ଼ିବା ନେଇ ଆଶଙ୍କା କରାଯାଉଥିଲା । କିନ୍ତୁ ଶେଷ ମୁହୂର୍ତ୍ତରେ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଆସନ ଓ ଢେଙ୍କାନାଳରୁ ରୁଦ୍ରନାରାୟଣ ପାଣିଙ୍କୁ ଟିକେଟ ମିଳିଛି ।

ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ସପ୍ତମ ସଂଧ୍ୟା, ମହୋତ୍ସବ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖେ, ସଂଚାର ନୃତ୍ୟ ଦର୍ଶକ ଙ୍କୁ କଲା ମନ୍ତ୍ରମୁଗ୍ଧ

ଭଦ୍ରକ, ୨୭/୩ (ନି/ପ୍ର): ଭଦ୍ରକ ଜିଲ୍ଲା ଆଗରପଡା ହେମପଦୁ ଗାଲାଜ୍ଜି ଠାରେ ଚାଲିଥିବା ଶ୍ୟାମ ଭାଇ ଲୁଆ ଦୋକାନ ପ୍ରାୟୋଜିତ ଦଶମ ବାର୍ଷିକ ଉତ୍କଳ କେଶରୀ ଆଗରପଡା ମହୋତ୍ସବର ସପ୍ତମ ସଂଧ୍ୟା ଅନୁଷ୍ଠିତ ହୋଇଯାଇଛି । ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି ସଂଗଠନ ସମ୍ପାଦକ ଅଭିମନ୍ୟୁ ସେଠୀ ଯୋଗଦେଇ ଏମାଟି ଉତ୍କଳ କେଶରୀଙ୍କ ମାଟି ହୋଇଥିବା ବେଳେ ଏଠାରେ ଏଭଳିଏକ ମହୋତ୍ସବ ଆୟୋଜନ କରି ସଂପୃକ୍ତ ଅ ଞ୍ଚଳ ଲୋକ ମାନଙ୍କ ମଧ୍ୟରେ ଏକତା ଓ ଭାତୃତ୍ୱ ଭାବ ସୃଷ୍ଟି କରିବାରେ ସହାୟକ ହେଉଛି, ତେଣୁ ଏପରି ମହୋତ୍ସବ ପ୍ରତି ଅ ଞ୍ଚଳେ ପାଳିତ ହୋଇପାରିଲେ ସାମାଜିକ ଚିନ୍ତା ଚେତନାର ଉନ୍ନତି ହୋଇପାରିବ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ । କମିଟିର ସଭାପତି ଆଇନଜୀବୀ ମନୋଜ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ନାଟ୍ୟକାର ତଥା ବରିଷ୍ଠ ବିଜେପି ନେତା ଡ. ସୁଧାଶୁଂ ଶେଖର ନାୟକ ତାଙ୍କ ବକ୍ତବ୍ୟରେ ଆଗରପଡା ମାଟି କଳା ଐତିହ୍ୟର ମାଟି । ଏଠାରେ ଯୋଗଜନ୍ମା ଡ. ହରେକୃଷ୍ଣ ମହତାବ ଉତ୍କଳ ପ୍ରଦେଶ ଦୃଢ ଭିତି ଭୂମିର ଉନ୍ନତି କରି ପାରିଥିବା ବେଳେ ଆଜିର ଏହି ମହୋତ୍ସବ ମାଧ୍ୟମରେ ପାଣ୍ଡାଠ ସଭ୍ୟତାର ମୋହରେ ଅନ୍ଧ ନହୋଇ ଆମେ ଆମ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ନେଇ ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ବିଜେପି ନେତା ବଦ୍ରିନାରାୟଣ ଧଳ, ମହୋତ୍ସବ କମିଟିର ମୁଖ୍ୟ ଉପଦେଷ୍ଟା ଜଂ ମଧୁସୂଦନ ସାହୁ, ବିଜେପି ମହତାବ ମଣ୍ଡଳ ସଭାପତି ଶିବାନନ୍ଦ ବାଣ ଅଧିକାରୀ, ସଂମ୍ପାଦକ ଅମୃତ୍ୟ ରତ୍ନ ନନ୍ଦ, ଆଗରପଡା ସରସ୍ୱତୀ ଶିଶୁ ମନ୍ଦିରର ସଂମ୍ପାଦକ ଆଶୋକ ପରିଡା, କମିଟି ସାଂସ୍କୃତିକ ସଂମ୍ପାଦିକା ମମତା ମହାନ୍ତି, ଅବସର ପ୍ରାପ୍ତ ସେନା କର୍ମଚାରୀ ଅକ୍ଷୟ ସୁତାର, ସମାଜସେବୀ ସିଦ୍ଧନ୍ତର ଜେନା ପ୍ରମୁଖ ଯୋଗଦେଇ ମହୋତ୍ସବ ର ଉ ଗୋ ର ଜାମନା କରିଥିଲେ । ଏହି ସଂଧ୍ୟାରେ ଦର୍ଶକ ମାନଙ୍କ ପାଇଁ ମୁଖ୍ୟ ଆକର୍ଷଣ ଥିଲେ ପରୀ ଓ ମଙ୍କୁଳା କନ୍ୟା ଧାରାବାହିକର ନାୟକ ଆକାଶ । ସେ ତାଙ୍କ ଙ୍ଗଳାପରେ ବହୁସମୟ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲେ । କମିଟି ସଂମ୍ପାଦକ ସାଲାବିକ ହେମନ୍ତ ସିଂହ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ରଖିଥିବା ବେଳେ ମମତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସଂଚାର ସାଂସ୍କୃତିକ ଅନୁଷ୍ଠାନର ମୁଖ୍ୟ ତଥା ଆର୍ନ୍ତଜାତିୟ ଓଡିଶୀ ନୃତ୍ୟଶିଳ୍ପୀ ଶୁଭେନ୍ଦୁ ଲେଙ୍କା ଏବଂ ଉତ୍ସବ କ୍ରିଏସନର ନଚେଶିକା ରିତା ମହାନ୍ତି ଙ୍କୁ କମିଟି ଉପଦେଷ୍ଟା ହରମୋହନ ପଣ୍ଡା, ରବିନ୍ଦ୍ର କୁମାର ପଣ୍ଡା, ନାରାୟଣ ଚନ୍ଦ୍ର ଲେଙ୍କା, ରମାକାନ୍ତ ଜେନା, ଗୋଲକ ପୃଷ୍ଟି ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଉପସ୍ଥାପକ ଅଜୟ କୁମାରଙ୍କ ଉପସ୍ଥାପନାରେ ଫଂଚାର ଡ୍ୟାନ୍ସ ଗ୍ରୁପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରୁ ଜୋଷ୍ଠାଧକ୍ଷ ଗୋପାଳକୃଷ୍ଣ ବାଣ, ହିମାଶୁଂ ସେଖର ସାହୁ, ସୁରେଶ ପରିଡା, ଦୀପକ ପୁରୀ, ଚିତରଞ୍ଜନ ବାଣ, ମାମୁନି ସିଂହ, ପ୍ରଜ୍ଞା ପ୍ରିୟଦର୍ଶିନୀ କଟୁଆଳ, ନିତ୍ୟାନନ୍ଦ ସିଂହ, ମାନସ ତିଓ୍ୱାରୀ, ସମ୍ରାଟ ସିଂହ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ହୋଲିରେ ଅଘଟଣ: ରାସ୍ତାକଡ଼ରେ ଥିବା ଗଛରେ ବାଇକ୍‌କୁ ପିଟି ଜୀବନ ହରାଇଲେ ୨ ଜଣ



ରୁପ୍ରା,୨୭/୩ (ନି/ପ୍ର) : ହୋଲିରେ ଅଘଟଣ ଘଟିଛି । ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଗଛକୁ ଧକ୍କା ଦେଇ ଜୀବନ ହରାଇଛନ୍ତି ଜଣ ଯୁବକ ଓ ଅନ୍ୟ ଜଣେ ନାବାଳକ । ମୃତ ୨ ବ୍ୟକ୍ତି ହେଲେ କଳାହାଣ୍ଡି ଜିଲ୍ଲା ନର୍ଲାବୁଲ୍ ଅନ୍ତର୍ଗତ ପଲମ୍ ଫାଣ୍ଡି ଅଧିନ ଆଲିମ୍ ଗ୍ରାମର ବୁଇଜଣ ବ୍ୟକ୍ତି ବେବରାଜ ଭୋଲ (୨୨) ଓ ଅଭୟ ବେରା (୧୫) ମିଳିଥିବା ସୂଚନା ଅନୁସାରେ ବେବରାଜ ଓ ଅଭୟ ଏକ ବାଇକ୍ (ଓଡିଶା ୭ାଲ ୮୪୯୫)ରେ କୌଣସି କାମରେ ପଲମ ଯାଇ ଘରକୁ ଫେରୁଥିବା ବେଳେ ଘରଠୁଁ କିଛି ଦୂରରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଏକ ଗଛରେ ପିଟି ହେବାରୁ ଘଟଣା ସ୍ଥଳରେ ଦୁଇ ଉଭୟଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ତେବେ ଘଟଣା ସମ୍ପର୍କରେ ପଲମ ଫାଣ୍ଡି ଅଧିକାରୀ ଅକ୍ଷୟ ପ୍ରସାଦ ପଟ୍ଟନାୟକ ଖବର ପାଇ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଂଚିବା ସହିତ ଆମୁଲାନ୍ସକୁ ଖବର ଦେଇଥିଲେ । ମାତ୍ର ଆମୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଘଟଣାସ୍ଥଳରେ ଦୁଇ ଉଭୟଙ୍କ ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି । ଆମୁଲାନ୍ସ ଆସିବା ପରେ ଉଭୟଙ୍କୁ କେସିଜୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା । ଡାକ୍ତରଖାନାରେ ପହଂଚିବା ପରେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ତେବେ ଖବର ଲେଖା ହେଲା ବେଳକୁ ଶବ ବ୍ୟବଚ୍ଛେଦ ହୋଇନଥିବା ଜଣାପଡ଼ିଛି । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଫାଣ୍ଡି ଅଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି । ତେବେ ହୋଲିପର୍ବରେ ସାରା ଅଂଚଳରେ ଖୁସିର ମାହୋଲ ଥିବାବେଳେ ଆଲିମ୍ ଗ୍ରାମରେ ଉକ୍ତ ଘଟଣାକୁ ନେଇ ଶୋକର ଛାୟା ଖେଳିଯାଇଛି ।

ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ : ମୃତକଙ୍କର ମିଳିଲା ପରିଚୟ

କୋରାପୁଟ,୨୭/୩ (ନି/ପ୍ର): ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ଯାତ୍ରୀଙ୍କର ମୃତ୍ୟୁ ଘଟିଥିଲା । ଏବେ ମୃତକଙ୍କର ପରିଚୟ ମିଳିଛି । ମୃତକ ହେଲେ ଜୟପୁର ଚିଲିସୁତାର ନାରାୟଣ ରଥ । ସୂଚନାଯୋଗ୍ୟ, ମାଲକାନଗିରିରୁ ତୁହୁପୁର ଦେଇ ଯାଇଥିବା ୩୨୬ ନଂ ଜାତୀୟ ରାଜପଥର କୋରାପୁଟ ସବର ଥାନା ଅଧୀନ ପୋଡ଼ାଗଡ଼

ବିବିଧା

ପ୍ରେମିକା ପାଇଁ ବଢ଼ାଇଲେ କେଶ

ଉପହାର ହେଲେ ବିଗ୍

ପ୍ରେ

କର୍ମଚାରୀଙ୍କ ଅଦ୍ଭୁତ କର୍ତ୍ତବ୍ୟନିଷ୍ଠା

୨୬ ବର୍ଷରେ ଦିନଟିଏ ଛୁଟି

ସ



ଆସିବ ମଧୁବାଲାଙ୍କ ବାୟୋପିକ୍

ବ୍ୟକ୍ତିତ୍ୱରୁ ମାନସିକ ସ୍ୱାସ୍ଥ୍ୟ ସୂଚନା



ପ୍ର

ମନୋରଞ୍ଜନ ପାଇଁ ଗ୍ରାମାଞ୍ଚଳରେ ଇଣ୍ଟରନେଟ୍‌ର ବ୍ୟବହାର ଅଧିକ

ଜି

- ୨୬୬୬- ଜିଲ୍ଲାର ଅନ୍ତର୍ଜାତୀୟ ସ୍ତରରେ ଖେଳାଯାଇଛି।
- ୩୮ ଟି - ଜିଲ୍ଲାର ବିଭିନ୍ନ ସ୍ଥାନରେ ଖେଳ ହେବାକୁ ଯାଉଛି।
- ୧୮୨୦- ଗୁଆଡ଼ରେ ଜିଲ୍ଲା ଗଠନ ହୋଇଥିଲା।
- ୨୦୨୦- ଜିଲ୍ଲାର ଜିଲ୍ଲାପାଳ ଭାବେ ଦାୟିତ୍ୱ ତୁଲାଇଛନ୍ତି।
- ୨୦୨୦- ବିଭିନ୍ନ ଜଣିଷର ବିଭିନ୍ନ ସ୍ଥିତିରେ ଦାୟିତ୍ୱ ଚାଲିଛି।

ବାଉଁଶରେ ହେଡ୍‌ଫୋନ୍

ଆ

ନୂଆ ଘର କିଣୁଥିଲେ...

ଗୃହନିର୍ମାଣ

ଚୈତ୍ରିକ ପର୍ବରେ ଅଧିକ ପୁଣ୍ୟ, ଏଥିପାଇଁ ଲୋକମାନେ ଗୃହ ନିର୍ମାଣ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ। କେବେ ଏହିଥରଠୁ ଚଳିବାରେ ଜଳିଯେଉଛି ଜମିଜୁଆର ଓ ଅଧିକ ବୃଦ୍ଧି ହୁଏ। ତେବେ ନୂଆଘର କିଣୁଛନ୍ତି, କିଛି ଗୃହନିର୍ମାଣ ପ୍ରତି ବୃଦ୍ଧି ଦିଅନ୍ତୁ।



ଫ୍ଲାଶବାକ୍ସ

ଦୈନିକ ସମାଚାର

ସମ୍ପାଦକୀୟ...

ଗୁରୁବାର ୨୮ ମାର୍ଚ୍ଚ ୨୦୨୫

ବିଜ୍ଞାପନରେ ଈଶ୍ୱର

ଗତ ଜାନୁଆରୀ ମାସ ୬ ତାରିଖ ଦିନ ବମ୍ବେ ଜଜ ନ୍ୟାୟାଳୟର ଔରଙ୍ଗାବାଦ ବେଞ୍ଚ ରାଜେନ୍ଦ୍ର ଆଂଭୋରେ ନାମକ ଜଣେକ ଶିକ୍ଷକଙ୍କ ଆବେଦନକୁ ବିଚାରକୁ ନେଇ ଏକ ଯୁଗାନ୍ତକାରୀ ରାୟ ପ୍ରଦାନ କରିଛନ୍ତି । ଏଥିରେ ଜୈନିଶସ୍ତି ପଦାର୍ଥର ବିଜ୍ଞାପନରେ ଈଶ୍ୱରଙ୍କ ନାମ ନେଇ ତାହାର ଅଲୌକିକ ଗୁଣ ଥିବାର ବାବିକୁ ଦେଆଯାଇ ବୋଲି ଘୋଷଣା କରିବା ସଙ୍ଗେ ସଙ୍ଗେ ମହାରାଷ୍ଟ୍ରର 'ଗ୍ଲବ୍ଲ ମ୍ୟାଜିକ୍ ପ୍ରିଭେନ୍‌ସନ୍ ଏଣ୍ଡ ଇରାଡିକେସନ ଆକ୍ଟ' ଅନୁସାରେ ଏହା ବନ୍ଧନୀୟ ବୋଲି ମତ ଦେଇଛନ୍ତି । ଆଂଭୋରେ ତାଙ୍କ ଆବେଦନରେ ୨୦୧୫ ମସିହା ମାର୍ଚ୍ଚ ମାସରେ ହେବେକ ଚେରିଭିଜନ ଚ୍ୟାନେଲରେ ବିଜ୍ଞାପନଟିଏ ଦେଖିବାକୁ ପାଇ ଥିବାର ସୂଚାଇ ଥିଲେ । ଏଥିରେ 'ସିଦ୍ଧି' ହାସଲ କରିଥିବାର ବାବି କରୁଥିବା ମଙ୍ଗଳନାଥ ନାମକ ଜଣେ ବାବା ତାଙ୍କଦ୍ୱାରା ନିର୍ମିତ 'ହନୁମାନ ଚାଳିଶା ଯନ୍ତ୍ର' ଭଗବାନ ହନୁମାନଙ୍କର ଆଶୀର୍ବାଦପ୍ରାପ୍ତ ଏବଂ ସେଥିପାଇଁ ବିଶେଷ ଅଲୌକିକ ଶକ୍ତିସମ୍ପନ୍ନ ହୋଇଥିବା ଉପସ୍ଥାପିତ କରିଥିଲେ । ଅତଏବ, ଏହା ଧାରଣ କଲେ ରୋଗବ୍ୟାଧିଠାରୁ ଆରମ୍ଭ କରି ସମସ୍ତ ଦୁର୍ଭାଗ୍ୟ ଦୂର ହୋଇ ପାରିବ ଏବଂ ଧାରଣକାରୀ ବିବିଧ ସୌଭାଗ୍ୟର ଅଧିକାରୀ ହେବେ ବୋଲି ସୂଚାଇ କରିଥିଲେ । ଏହି ଯନ୍ତ୍ରଟିର ଦାମ୍ ଥିଲା ୪୯୦୦ ଟଙ୍କା ଏବଂ ତାହା ୨୪ କ୍ୟାରେଟ୍ ସୁନାରେ ତିଆରି ବୋଲି କୁହା ଯାଉଥିଲା । ଏହି ମିଥ୍ୟା ବିଜ୍ଞାପନରେ ଅର୍ଥ ପ୍ରଲୋଭନପ୍ରାପ୍ତ ବଡ଼ ବଡ଼ ସଙ୍ଗୀତଜ୍ଞ ତଥା ଚିତ୍ର ତାରକା ବା କ୍ରିକେଟ ତାରକାଙ୍କ ଭଳି ସମ୍ମାନାସ୍ପଦ ବ୍ୟକ୍ତିଙ୍କୁ ପ୍ରଦର୍ଶନ କରାଯାଉଥିଲା, ଯେଉଁମାନେ ଏହି ଯନ୍ତ୍ର ଧାରଣ କରିବା ଫଳରେ କିପରି ଉପକୃତ ହୋଇଛନ୍ତି, ତାହା ବିଶଦ ଭାବେ ବର୍ଣ୍ଣନା କରୁଥିଲେ । ଅତଏବ, ଈଶ୍ୱର ଏବଂ ଅଲୌକିକତା ଉପରେ ବିଶ୍ୱାସ ରଖୁଥିବା ଆମ ସାଧାରଣ ଲୋକେ ଏହାଦ୍ୱାରା ଠକାମିର ଶିକାର ହେଉଥିଲେ । ତେଣୁ ଏହାକୁ ନିଷେଧ କରିବା ପାଇଁ ସେ ନ୍ୟାୟାଳୟଙ୍କୁ ପ୍ରାର୍ଥନା କରିଥିଲେ । ଆଜିକାଲି ଏ ପ୍ରକାର ବିଜ୍ଞାପନମାନ ଟେଲିଭିଜନ ଚ୍ୟାନେଲ୍‌ମାନଙ୍କରେ ପ୍ରସାରିତ ହେବା ଏକ ସାଧାରଣ କଥା ହେଲାଣି । ଉଦାହରଣ ସ୍ୱରୂପ, ଆମ ରାଜ୍ୟର କେତେକ ପ୍ରମୁଖ ଚ୍ୟାନେଲ ନିଜକୁ ନିର୍ଭୀକ ଏବଂ କେବଳ ସତ୍ୟ ଉପରେ ପର୍ଯ୍ୟବସିତ ସମ୍ବାଦ ପରିବେଷଣ କରୁଥିବାର ବାବି କରୁଥିଲେ ଛେଁ ସଜାଳର ପ୍ରଥମ କାର୍ଯ୍ୟକ୍ରମରେ ଏକ ଅଲୌକିକ ପୁରି ସମ୍ପର୍କରେ ସୁଦୀର୍ଘ ବିଜ୍ଞାପନଟିଏ ବାରମ୍ବାର ପ୍ରସାରଣ କରା ଯିବାର ଦେଖାଯାଉଛି । ଜଣେ ବାବା ବେଶଧାରୀ ବ୍ୟକ୍ତି କିପରି ଏହା ଧାରଣ କରିବା ଦ୍ୱାରା ସମସ୍ତ ରୋଗବ୍ୟାଧି ଦୂର ହେବାଠାରୁ ଆରମ୍ଭ କରି ମନ ମୁତାବକ ଚାକିରି କିମ୍ବା ପ୍ରମୋସନ ମିଳିବା ଅଥବା ପ୍ରେମ ସମ୍ପର୍କ ସୁଦୃଢ଼ ହେବା ନତୁବା ବ୍ୟବସାୟରେ ସଫଳତା ମିଳିବା ଇତ୍ୟାଦି ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରୁଛନ୍ତି ଏବଂ ଏହା ମଝିରେ କିଛି ଶିକ୍ଷିତ ତଥା ଆଧୁନିକ ମନେ ହେଉଥିବା ବ୍ୟକ୍ତି ମୂର୍ତ୍ତିଟି ଧାରଣ କଲାପରେ କିପରି ତାଙ୍କର ଭାଗ୍ୟ ଖୋଲି ଗଲା, ତାହାର ସୂଚନା ଦେବାପୂର୍ବକ ବାବାଙ୍କ କଥାର ସତ୍ୟତା ପ୍ରମାଣିତ କରି ଦର୍ଶକମାନଙ୍କୁ ପ୍ରଭାବିତ ଏବଂ ପ୍ରତାରିତ କରୁଛନ୍ତି । ସେହିପରି ଅନ୍ୟ ଏକ ବିଜ୍ଞାପନରେ ଅପ୍ରମାଣିତ ଏକ ବିଦ୍ୟାକୁ ଅଲୌକିକ ବିଜ୍ଞାନ ରୂପେ ଉପସ୍ଥାପିତ କରି ତହିଁରେ ଉଚ୍ଚତର ଗବେଷଣା କରି ଥିବାର କେତେକ ବ୍ୟକ୍ତି ଘରର ଛେଡ଼ିଁ ଲୋଣରେ ପାଣିଟାଙ୍କି, ଛେଡ଼ିଁ ଟିଗରେ ଠାଢୁଆ ଘର କିମ୍ବା ବିଛଣା ଆଦି ରହିଲେ ମଙ୍ଗଳକର ହେବ ଏବଂ ସେଥିରେ ବାସ କରିବା ଲୋକେ ନିରୋଗ ତଥା ସୁଖ ଶାନ୍ତିରେ ରହି ପାରିବେ, ତାହା ବୁଝାଇଛନ୍ତି ଏବଂ ସେଥି ସମ୍ପର୍କରେ ବିଶେଷ ତଥ୍ୟ ପାଇଁ ତାଙ୍କ ପରାମର୍ଶ ନେବାକୁ କହୁଛନ୍ତି । ଏହାର ସତ୍ୟତା ପ୍ରମାଣ କରିବାକୁ ତଦ୍ୱାରା ଉପକୃତ ହୋଇଥିବା କଥା କହୁଥିବା କିଛି ଲୋକଙ୍କୁ ମଧ୍ୟ ଏଥିରେ ପ୍ରଦର୍ଶନ କରାଯାଉଛି । ପୁନଶ୍ଚ, ରାଶିଫଳ ସମ୍ପର୍କୀୟ କାର୍ଯ୍ୟକ୍ରମ ତ ଏବେ ପ୍ରାୟ ସବୁ ଚ୍ୟାନେଲ୍‌ରେ ଦିଆଯାଉଛି । ସମ୍ବାଦ ପତ୍ରମାନେ ବି ଏଥିରୁ ବାଦ୍ ପଡୁ ନାହାନ୍ତି । ଚର୍ଚ୍ଚିରେ ଛେଡ଼ିଁ ଠାଢୁଆଙ୍କୁ ଭଜନ ବା ଦର୍ଶନ କଲେ, ଛେଡ଼ିଁ ରଙ୍ଗର ଗାଈ ବା ଷଣ୍ଢକୁ ଜ'ଶ ଖାଇବାକୁ ଦେଲେ, ନିଜେ ଛେଡ଼ିଁ ରଙ୍ଗର ବସ୍ତ୍ର ପରିଧାନ କଲେ ଏକ ନିର୍ଦ୍ଦିଷ୍ଟ ରାଶିର ଲୋକଙ୍କ ପାଇଁ ଦିନଟି ଶୁଭଙ୍କର ହେବ, ତାହାର ସୂଚନା ଦିଆଯାଉଛି । ଅନେକ ଲୋକ ଏହାକୁ ଦେଖୁଛନ୍ତି ଏବଂ ଯଥା ସମ୍ଭବ ସେହି ଅନୁସାରେ କିଛି କରିବାକୁ ଚେଷ୍ଟା କରୁଛନ୍ତି । ତେବେ କିଛି କିଛି ଚ୍ୟାନେଲ ବା ଖବରକାଗଜରେ ତାହା ଅଲଗା ଅଲଗା ପରିବେଷଣ କରାଯାଉଛି । ଏଣୁ ଅଧିକ ଚ୍ୟାନେଲ ଦେଖୁଥିବା କିମ୍ବା ଏକାଧିକ ଖବରକାଗଜ ପଢୁଥିବା ଲୋକଙ୍କୁ ଏହା ବିସ୍ମୟରେ ପକାଇବା ସ୍ୱାଭାବିକ । ଟେଲିଭିଜନରେ ପ୍ରସାରିତ ଧାରାବାହିକଗୁଡ଼ିକ କଥା ନ କହିବା ଭଲ । ସେଥିରେ ଭରି ରହୁଛି ଦୁଷ୍କର୍ମ, ହିଂସା, ଅପରାଧ ଓ ଅଲୌକିକତାର ପ୍ରଦର୍ଶନ । ବାବାମାନଙ୍କ ମାଧ୍ୟମରେ ପ୍ରାପ୍ତ ଦେବଦେବୀଙ୍କ କୃପାରୁ ଅସମ୍ଭବକୁ ସମ୍ଭବ କରାଯାଇ ପାରିବାର ଦୃଶ୍ୟମାନ ଅତି ନିପୁଣ ଭାବେ ଏଥିରେ ପ୍ରଦର୍ଶିତ ହେଉଛି । ପୁନଶ୍ଚ, ଏହି ଦୃଶ୍ୟଗୁଡ଼ିକୁ ଯଥା ସମ୍ଭବ ଅଧିକରୁ ଅଧିକ ଭୟଙ୍କର କରିବା ଲାଗି ଉଦ୍ୟମ ହେଉଛି ଏବଂ ତାହାକୁ ଦୀର୍ଘ ସମୟ ଧରି ପ୍ରଦର୍ଶନ କରାଯାଉଛି । ଏହା ଏ ପ୍ରକାର ଅସାମାଜିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ସଙ୍ଗେ ସଙ୍ଗେ ଅନ୍ଧବିଶ୍ୱାସର ମଧ୍ୟ ପ୍ରସାର କରୁଛି । ଅତଏବ, ଅନେକ ଅପରାଧୀ ଏଗୁଡ଼ିକକୁ ହିଁ ପ୍ରଥମେ ଅପରାଧ କରାଇବୁ ଆକୃଷ୍ଟ ହେବା ସ୍ୱାଭାବିକ କରୁଛନ୍ତି । ଅନ୍ୟ ପକ୍ଷରେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଅନେକ ସାଧାରଣ ଲୋକ ସାପ କାମୁଡ଼ା ସମେତ ବିବିଧ ଅସାଧ୍ୟ ରୋଗ ପାଇଁ ଚିକିତ୍ସା ଅପେକ୍ଷା ଭୂତିଶାରେଡ଼ିକୁ ବେଶୀ ବିଶ୍ୱାସ କରୁଛନ୍ତି । ଫଳରେ ଦେଶର ସର୍ବତ୍ର ଗଜି ଉଠୁଛି ଭଣ୍ଡ ବାବାମାନଙ୍କ ସାମ୍ରାଜ୍ୟ । ଅନ୍ୟ ପକ୍ଷରେ, ଚ୍ୟାନେଲ ଗୁଡ଼ିକ 'ହିଂସା ବା ଆଲୌକିକତାକୁ ପ୍ରୋତ୍ସାହନ ଦେବା ତାଙ୍କର ଉଦ୍ଦେଶ୍ୟ ନୁହେଁ' ; ଏବେ କେବଳ ମନୋରଞ୍ଜନ ପାଇଁ ସେମାନେ ଏପରି କରୁଥିବାର ଲେଖାଟିଏ ଏଥିରେ ପ୍ରଦର୍ଶନ କରି ସେମାନଙ୍କ ଦୋଷ ଛଡ଼ାଇ ଦେଉଛନ୍ତି । ଏହିଭଳି ଗୋଟି ଗୋଟି କରି ବିଚାର କରି କହିଲେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି ଦାବି କରୁଥିବା ଆମ ଗଣମାଧ୍ୟମ ଜନସାଧାରଣଙ୍କ ମଧ୍ୟରେ ବୈଜ୍ଞାନିକ ଚେତନା ସୃଷ୍ଟି କରିବା ପରିବର୍ତ୍ତେ ହିଂସା, ଅପରାଧ, ଅନ୍ଧବିଶ୍ୱାସ ଏବଂ ଅଲୌକିକତାର ପ୍ରସାର ଘଟାଇ ଚାଲିଛନ୍ତି । ଅଧିକାଂଶ ସ୍ଥଳେ ଏସବୁରେ ବିଭିନ୍ନ ଦେବଦେବତା କିମ୍ବା ବାବାମାନଙ୍କର ନାମ ନିଆଯାଉଛି । ଈଶ୍ୱର ବିଶ୍ୱାସୀ ହୋଇଥିବା ଆମ ଦେଶର ୮୩ ଶତାଂଶ ଲୋକ ବିନା ଦ୍ୱିଧାରେ ଏହାକୁ ସତ୍ୟ ବୋଲି ଗ୍ରହଣ କରୁଛନ୍ତି । ସେଇଥିପାଇଁ ବଡ଼ି ଚାକିଛି କାହାରିକୁ ଚାହାଣୀ ବୋଲି ଭାବି ହତ୍ୟା କରିବା, ଦେବଦେବୀଙ୍କ ପାଖରେ ବଳି ପକାଇବା, ବାବାମାନଙ୍କ ଦ୍ୱାରା ମନ୍ତ୍ର ବିଛିଆ କରାଇବା କିମ୍ବା ତେଙ୍କ ଦେବା ଇତ୍ୟାଦି ।

ମା'କଶ୍ଚିତ୍ ଦୁଃଖ ଭାଗ୍ ଭବେତ୍



ଏଉଥର ପଂଚାୟତ ନିର୍ବାଚନର ଛକାପଂଚା ଭିତରେ ଦେଖାଯାଉଛି ବିଜେଡି ଓ ବିଜେପି ସମର୍ଥୀତ ପ୍ରାର୍ଥୀମାନଙ୍କ ଭିତରେ ଜଳେଇ ଗୁଳିଛି ସତ କିନ୍ତୁ କିଛିକିଛି ଜାଗାରେ ପ୍ରବୃତ୍ତ ସମାଜସେବୀ କିଛି ନିର୍ଦ୍ଦଳୀୟ ପ୍ରାର୍ଥୀ ଭାବରେ ଛିଡା ହୋଇଥିବାରୁ ସେମାନଙ୍କର ପଲ୍ଲା ମଧ୍ୟ ଭାରିରହିଛି । ଏଣୁଥରେ ଧାଉଡି ସିଜୁଡୁବାରୁ ପରି ଦଳୀୟ ପ୍ରାର୍ଥୀମାନଙ୍କର ସୀମା ହେଲା ସେହିଦଳର ମୁଖିଆ କିମ୍ବା କାର୍ଯ୍ୟଦ୍ୱାର ନେତାର ଦୁଆରବନ୍ଧ ଯାଏ । ଯଦି ସେମାନେ ପରାଜିତ ହୁଅନ୍ତି ତେବେ ବୁଥ୍‌ସ୍ତ୍ର ରାଜନୀତି ଛାଡି ସଂଚବର୍ଷ ପର୍ଯ୍ୟନ୍ତ ଘରେ ବସିଯାନ୍ତି । ଯାହାକୁ ବଳିୟ ପଦପଦବି କିଛି ମିଳିଯାଏ ସେହିମାନେ କେବଳ କ୍ରିୟାଶୀଳ ହୋଇ ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ସାଙ୍ଗରେ ରୁହନ୍ତି, ନତେତ୍ ବଳଛାଡି ଅନ୍ୟ ବଳମୁହାଁ ହୋଇଯାନ୍ତି । କିନ୍ତୁ ନିର୍ବଳୀୟ ପ୍ରାର୍ଥୀ ନିଜକୁ ମୁକ୍ତବିହଙ୍ଗ ପରି ରାଜନୀତି ବିଶ୍ୱରେ ନିଜକୁ ସର୍ବୋଦ୍ଧ ଏବଂ ସର୍ବ ଜନହିତାୟ ନୀତି ଆପଣେଇ ସବୁବଳ ମୁଖିଆଙ୍କ ପାଖରେ ପହଁଚିବାକୁ ଲଢା କରିନଥାନ୍ତି । ଏହା ଫଳରେ ଦେଶବଶର ଉନ୍ନତି ହୋଇଥାଏ । ଉଦାହରଣ ସ୍ୱରୂପ ନିମାପଡା ବିଧାନସଭା ମଣ୍ଡଳିର ଏକ ପଂଚାୟତ ଶଗଡାକୁ ନିଆଯାଉ । ଏହି ଶଗଡା ପଂଚାୟତରେ ୯ଟି ଗାଁ କିନ୍ତୁ ୧୩ଟି ଓ୍ୱାର୍ଡ । ତନୁଖରେ ଅଙ୍କୁଶପୁର ଗ୍ରାମବାସୀ ଜଂ. ବାନାୟର ନାୟକ ଏଥର ସମିତି ସଭ୍ୟ ପ୍ରାର୍ଥୀ ଭାବରେ ଛିଡା ହୋଇଛନ୍ତି । ସେ ଭାରତର ପ୍ରାୟ ପ୍ରତିଟି କୋଣରେ ଉନ୍ନତି ମୂଳକ କାର୍ଯ୍ୟରେ ବିତତ କୋଡିଏ ବର୍ଷର ଅନେକ କାମ କରି ସାରିଲା ପରେ ଏବେ ଗାଁମୁହାଁ ହୋଇ ପଂଚାୟତର ଉନ୍ନତି ମୂଳକ କାମରେ ସାମିଲ୍ ହେବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ସମାଜସେବା ତାଙ୍କର ଧର୍ମ ଏବଂ ଯେତେବେଳେ ଯାହାର କିଛି ଦରକାର ପଡିଛି କି ଯିଏ କି ଜୈନିଶସ୍ତି ସାହାଯ୍ୟପାଇଁ ତାଙ୍କର ଦ୍ୱାରସ୍ଥ ହୋଇଛନ୍ତି ସିଏ ଜେବେ ବି କାହାକୁ ନିରାଶ କରିନାହାନ୍ତି । ସେଥିପାଇଁ ସେ ଅନ୍ତରର ସହ ବିଶ୍ୱାସ କରନ୍ତି ସେ ଏଥର ଶଗଡାବାସୀ ଜେବେ ବି ତାଙ୍କୁ ନିରାଶ କରିବେନି । ସେ ନିଶ୍ଚିତ ଭାବରେ ବିପୁଳ ମତରେ ଜୟଯୁକ୍ତ ହୋଇ ଜିଲ୍ଲାକୁ ଜଣେ ସଫଳ ସମିତି ସଭ୍ୟ ହିସାବରେ ଗତି ଦେଖି ଓ ଦର୍ଶନ ଯଥା ସମ୍ଭବ ଯଥା ସମ୍ଭବ ଜନ୍ମଭୂମିକଳ କାର୍ଯ୍ୟରେ ନିଜକୁ ସମର୍ପଣ କରିବାରେ ଚିନ୍ତିଏ ବି ଉଣା କରିବେନି । ସେ ଜଣେ ନିର୍ମାଣ ଯନ୍ତ୍ରୀ । ତେଣୁ ସାଧାରଣୁକ ମନୋଭାବରେ ଜେମିତି ଫଂଚାୟତକୁ ଆଗକୁ ନେଇଯିବାକୁ ହେବ, ତାହା ତାଙ୍କର ଅନ୍ୟ କାହାଠାରୁ ଶିଖିବାର ଆବଶ୍ୟକତା ନାହିଁ । ସେ ନିଜେ ଜଣେ ଯନ୍ତ୍ରୀ ଏବଂ ନିର୍ମାଣ ବିଭାଗରେ ଅନେକ ରାଜ୍ୟର ଅଭିଜ୍ଞତା ହେଲା ତାଙ୍କର ବଡ ପୁଞ୍ଜି । ଏହା ହିଁ ଫଂଚାୟତକୁ ନୂଆ ରୂପଦେଖ ଦେବାରେ ନିଶ୍ଚିତ ସମର୍ଥ ହେବ ବୋଲି ଅଂଚଳର ସମସ୍ତ ବୁଦ୍ଧିଜୀବୀ ମାନଙ୍କର ଆଶା ଓ ବିଶ୍ୱାସ । ଜେତେ ଗୁଡିଏ କଥାକୁ ବିଚାରକୁ ନେଲେ ଆମର ଏବେ ଗ୍ରାମୀଣ ବିଜାଶ ପ୍ରତ୍ୟେକ ଜାଗାରେ ଅଧାଅଧୁରା । ପ୍ରାୟ ଫଂଚାୟତର ବିଦ୍ୟାଳୟ ଗୃହଛାତରୁ ପାଣି ବହୁଛି । ସ୍ୱାସ୍ଥ୍ୟ ବିଭାଗର ଢାଂଚାରେ ବହୁତ କମି । ଜେତେକ ଡାକ୍ତରଖାନାରେ ବର୍ଷବର୍ଷ ଧରି ଡାକ୍ତର ନାହାନ୍ତି । ରାସ୍ତା ନିର୍ମାଣର ମାନ ବହୁତ ଖରାପ । ପରେପରେ ଦୁର୍ନୀତିର ଗନ୍ଧ ବେଶ ବାରି ହୋଇଯାଉଛି । ଯେଉଁ ବଳର ନେତା ହୁଅନ୍ତୁ ନା କାହିଁକି ସିଏ କିନ୍ତୁ ପଲ୍ଲାଘରପାଇଁ କୋଡିଏ ରୁ ତିରିଶ ପ୍ରତିଶତ ଅର୍ଥ ଦାବି କରୁଛନ୍ତି । ସ୍ୱଚ୍ଛ ଭାରତର ପାରଖାନାଟିଏ ପାଇଁ ହାତଗୁଣ୍ଡା ଜେବେକାମାନେ ବାଧ୍ୟ । ଏପରି ପରିସ୍ଥିତିରେ,ଯେଉଁଠାରେ ସୁଶିକ୍ଷିତ, ସ୍ୱଚ୍ଛ ଏବଂ ସମାଜସେବୀ ଛିଡା ହୋଇଛନ୍ତି, ସେ ସମସ୍ତଙ୍କୁ ଜିତାଇବା ଉଚିତ୍ । ଏହି ବାୟିତ୍ୱ ଆମ ସମସ୍ତଙ୍କର । ଜଂ. ବାନାୟର ନାୟକଙ୍କର ବନ୍ଧୁପତ୍ନୀ ସୀମା ଖଟୋଇ ଶଗଡା ଫଂଚାୟତର ସଂପତ ପ୍ରାର୍ଥୀନା ହିସାବରେ ନିଜର ଭାଗ୍ୟ ତଲାସୁଥିବା ସମୟରେ ବୁଢଳଶଙ୍କର ଉପସ୍ଥିତି ସବୁବଳର ପ୍ରାର୍ଥୀମାନଙ୍କୁ ଭୟଭୀତ କରେଇଦେଇଛି । ଶ୍ରୀମତୀ ସୀମା ଖଟୋଇଙ୍କ ସ୍ୱାମୀ ରାଧେଶ୍ୟାମ ଭାଇଙ୍କୁ ଜଣେ ପୂର୍ଣ୍ଣକାଳୀନ ସମାଜସେବୀ ଜଣିଲେ ଅତ୍ୟୁକ୍ତି ହେବନି । ସମାଜସେବା ସହ ସ୍ୱଧର୍ମକୁ ପାଥେୟ କରି ନିଜର ଧର୍ମପତ୍ନୀଙ୍କୁ ପ୍ରତ୍ୟେକ୍ଷ ରାଜନୀତି ପଡିଆରେ ଲଢେଇ କରିବାକୁ ଅନୁମତି ଦେଇଥିବାରୁ ଅଂଚଳବାସୀ ତାଙ୍କୁ ହୃଦୟର ଗଭୀରତମ ପ୍ରଦେଶରୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରୁଛନ୍ତି । ସେ ଗାଁ ମାଟିକୁ ଭାରି ଭଲ ପାଆନ୍ତି । ସବାସର୍ବଦା ଦୁଃଖୀର ଦୁଃଖରେ ଦୁଃଖୀ ଏବଂ ସୁଖରେ ସୁଖୀ ହେବାଟା ତାଙ୍କର ଜନୁଗିଶ୍ର ପ୍ରକୃତୀ । ରାଧେଶ୍ୟାମ ଭାଇ ଜାଗରୁଷ୍ଟ ଏବଂ ପୂଜାପର୍ବାଣି ସହ ସଂଘୀ ନି ମଣ୍ଡଳୀ ଆଦିର ଆୟୋଜନରେ ବିଶେଷ ରୁଚି ରଖନ୍ତି । ଏଥର ଶଗଡା ଫଂଚାୟତର ଅଧିକାଂଶ ନାଗରିକ ଭଲଣୀ ସୀମା ଖଟୋଇଙ୍କୁ ସଂପତ ଏବଂ ଜଂ. ବାନାୟର ଭାଇଙ୍କୁ ସମିତି ସଭ୍ୟ ହିସାବରେ ବୟନ କରିବାକୁ ମନସ୍ଥ କରିଛନ୍ତି । ସୀମା ଖଟୋଇଙ୍କର ଧାର୍ମିକତା ସହ ବାନାୟର ନାୟକଙ୍କ ଦୂରଦୃଷ୍ଟି ଏବଂ ଯାତ୍ରୀକ ଅନୁଭୂତି ସମସ୍ତଙ୍କୁ ଆକୃଷ୍ଟ କରିଛି । ଯଦି ଏହାର ବ୍ୟତିକ୍ରମ ହୁଏ, ଅର୍ଥାତ୍ ମତପେଟି ଖୋଲାଯାଇ ମତଗଣନା ଦିନ ଯଦି କିଛି ଓଲଟପାଲଟ ହୋଇଯାଏ, ତେବେ ଅନେକ ବୁଦ୍ଧିଜୀବୀ ଜୁହନ୍ତି ଯେ ଗରିବଙ୍କ ହିତରେ ଜୀବନ କରିବାକୁ ପ୍ରୟାସ କରୁଥିବା ବୁଢଳଶଙ୍କ ସଚୋଟ ବ୍ୟକ୍ତିଙ୍କ ମନୋବଳ ମରିଯିବ, ସେମାନେ ସେବିନ ହତାଶ ହୋଇଯିବେ ଏବଂ ବୁଦ୍ଧୀଜିଖୋର୍ ରାଜନେତାଙ୍କ ଉତ୍ସାହ ଆଉନ୍ତ ହୋଇଯିବ । ତେଣୁ ଶଗଡା ଅଂଚଳବାସୀ ଅର୍ଥାତ୍ ଅଙ୍କୁଶପୁର, ଶଗଡା,ଶଗଡା ଦେଉଳୀ, ଜାନପୁର, ଓଲିଜଣା, ଶ୍ରୀମୁକିହା, ଚିତ୍ରା, ଏଲୋମଳଣା ଓ ଘୋଡାଶାଳିଆର ସମସ୍ତ ଗ୍ରାମବାସୀବୃନ୍ଦ ଏକ ସ୍ୱରରେ ସୀମା ଖଟୋଇଙ୍କୁ ମାଛ ଚିହ୍ନରେ ଏବଂ ଜଂ. ବାନାୟର ନାୟକଙ୍କୁ ତାଲାଗୁରୁବି ଚିହ୍ନରେ ଭୋଟମାରି ଜୟଯୁକ୍ତ କରିବାକୁ ମନସ୍ଥ କରିଛନ୍ତି । ଶଗଡା ଫଂଚାୟତ ପାଇଁ ସୀମା ଭଲଣୀର ମାଛ ଚିହ୍ନ ଏକ ଶୁଭସଙ୍କେତ ପରି ଲାଗୁଥିବା ବେଳେ ଓ ଜଂ. ବାନାୟର ନାୟକଙ୍କର ତାଲାଗୁରୁବି ଚିହ୍ନକୁ ଜେତେବେଳେ ଶଗଡା ଫଂଚାୟତର ଭାଗ୍ୟଖୋଲା ଗୁରି ବୋଲି ମାନୁଛନ୍ତି । ତେଣୁ ଏହି ମାଛ ଏବଂ ତାଲାଗୁରୁବି ଚିହ୍ନରେ ମୋହର ମାରି ସୀମା ଏବଂ ବାନାୟର ଭାଇଙ୍କୁ ଜୟଯୁକ୍ତ କରାଇଲେ ଶଗଡାର ଭାଗ୍ୟ ଖୋଲିଯିବ ଏବଂ ରାଜନୀତିରେ ଶୁଦ୍ଧ ବାତାବରଣ ସୃଷ୍ଟି ହେବାର ସମ୍ଭାବନା ଜଳଜଳ ହୋଇ ଦିଶୁଛି । ଦୁର୍ନୀତିର ମୂଳ ଉତ୍ପତି ଉନ୍ନତି ଶିଖ୍ର ମୁକୁଳୁଆ ପକାଇବାକୁ ବୁଢଳଶଙ୍କର ଅଶେଷ ଆଗ୍ରହ । ଏହିପରି ରାଜ୍ୟର ଅନେକ ଜାଗାରେ ବହୁତ ଭଲଭଲ ଲୋକ କୌଣସି ବଳିୟ ନେତାଙ୍କ ସମର୍ଥନ ନପାଇ ସ୍ୱାଧୀନ ଭାବରେ ନିର୍ବାଚନ ଲଢୁଛନ୍ତି । ସେମାନେ ଯଦି ଯୋଗ୍ୟ, ତାଙ୍କୁ ଭୋଟ ଦେବା ଉଚିତ୍ । ଭାରତ ବଳିୟ ପ୍ରାର୍ଥୀଙ୍କ ମୁଖିଆଙ୍କୁ ଦେଖି ଅସୋଗ୍ୟ ପ୍ରାର୍ଥୀମାନଙ୍କୁ ଚୟନ କରିବା ଫଳରେ ଦେଶର ଅବସ୍ଥା ଆଜି ଏମିତି । ତେଣୁ ଶଗଡାପରି ସାରାରାଜ୍ୟର ନାଗରିକ ମାନେ ସମସ୍ତପ୍ରାର୍ଥୀଙ୍କୁ ଭଲଭାବରେ ପରୀକ୍ଷାନିରୀକ୍ଷା କରି ଯୋଗ୍ୟପ୍ରାର୍ଥୀଙ୍କୁ ହିଁ ବିପୁଳଳଖ୍ୟାରେ ମତଦାନ କରି ଜୟଯୁକ୍ତ କରାଇ ଗଣତନ୍ତ୍ରର ମୂଳକୁଆଣ୍ଠୁ ସୁଦୃଢ଼ କରନ୍ତୁ । ରାଜନୀତିରେ ଅନାବିଳାଳକୁ ଗୁଲିଆଖୁଥିବା ଜଳଜଳୁ ପୋଛି ରାଜନୀତିରେ ଭଦ୍ର ଲୋକମାନଙ୍କୁ ପ୍ରୋତ୍ସାହନ ଦେବା ଫଂଗେଫଂଗେ ରାଜନୀତି କ୍ଷେତ୍ରକୁ ଜଳଜମୁକ୍ତ କରନ୍ତୁ । ସମସ୍ତ ରାଜନୈତିକ ପରପପଦବିରେ ଭଲ ଏବଂ ସଚୋଟ ଲୋକଙ୍କୁ ସୁଯୋଗ ମିଳୁ । ସର୍ବେ ଭବନ୍ତୁ ସୁଖୀନଃ । ସର୍ବେ ସନ୍ତୁ ନିରାମୟା । ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ । ମା'କଶ୍ଚିତ୍ ଦୁଃଖ ଭାଗ୍ ଭବେତ୍ ।

ଜଂ. ବିଦ୍ୟାଧର ପଣ୍ଡା, ପରିବେଶବିତ୍, ଏମ୍. ଟେକ୍. ଏଲ୍. ଏଲ୍. ବି. ଏଲ୍-୧୭/ ୧୫, ଫଂଚସଖା ନଗର, ଭୂମୁହୁମା, ଭୁବନେଶ୍ୱର-୧୯ କି; ଖୋର୍ଧା, ଓଡ଼ିଶା, ମୋ-୯୪୩୯୧୨୮୦୫୦

ଗୋସେବା ଏକ ଅନନ୍ୟ ସେବା

ସୁଭାଷ କୁମାର ଚାରଣିଆଁ
ମୋ : ୮୩୨୮୮୪୦୨୧୪

ଛେଡ଼ିଁ ଅନାବି ଜାଳୁଣୁ ମନୁଷ୍ୟ ଓ ପଶୁପକ୍ଷୀମାନଙ୍କ ମଧ୍ୟରେ ରହିଆସିଛି ନିବିଡ଼ ସମ୍ପର୍କ । ପଶୁପକ୍ଷୀ ହେଲେ ବି ଏମାନଙ୍କ ବୁଦ୍ଧିବାର ଶକ୍ତି ମଣିଷଙ୍କଠାରୁ କୌଣସି ଗୁଣରେ କମ୍ ନୁହଁ । ଏଥିପାଇଁ ଲୋକମାନେ ଘରେ କୁକୁର, ବିଲେଇ, ଶୁଆ, ଶାରୀ ଆଦି ପୋଷୁଥିଲେ । ଏହି ପଶୁପକ୍ଷୀମାନଙ୍କୁ ପରିବାରର ଜଣେ ସଦସ୍ୟ ଭାବେ ଗ୍ରହଣ କରିବା, ସେମାନଙ୍କ ସହିତ ଉ ମ ଆଚରଣ ଓ ଉଚ୍ଚାରଣ କରିବା ଦ୍ୱାରା ଖୁବ୍ କମ୍ ଦିନରେ ସେମାନେ ଅତି ଆପଣାର ପାଲଟିଯାଆନ୍ତି ଏବଂ ମଣିଷର ସୁଖ ଦୁଃଖରେ ଭାଗୀ ହୁଅନ୍ତି । ଅନେକ ସମୟରେ ଏହି ପଶୁମାନେ ମାଲିକଙ୍କୁ ବ

ମା' ସମଲେଇଙ୍କ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର, ସମ୍ବଲପୁରରେ ବିଜେପି କର୍ମୀଙ୍କ ସହିତ ଖେଳିଲେ ହୋଲି

ଭୁବନେଶ୍ୱର/ସମ୍ବଲପୁର,୨୭/୩ (ନି/ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ସମ୍ବଲପୁର ଗସ୍ତରେ ଅଛନ୍ତି। ସେ ସମ୍ବଲପୁର ବିଜେପି କାର୍ଯ୍ୟାଳୟରେ ନେତା ଓ କର୍ମୀଙ୍କ ସହ ରଙ୍ଗର ପର୍ବ ହୋଲି ପାଳନ କରିଛନ୍ତି। ଚଳିତ ସାଧାରଣ ନିର୍ବାଚନରେ ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ଘୋଷଣା ହେବା ପରେ ବଜାୟ ନେତା ଓ କର୍ମୀଙ୍କ ସହିତ ଉତ୍ସାହର ସହିତ ହୋଲି ଖେଳିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସୋମବାର ସଙ୍କାଳୁ ପୁରୀରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟାରେ ସମ୍ବଲପୁର ଅଭିମୁଖେ ବାହାରି ରାତିରେ ପହଂଚିଥିଲେ। ଆଜି ସଙ୍କାଳୁ ପ୍ରଥମେ ମା' ସମଲେଇଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ସମ୍ବଲପୁର ଲୋକସଭା ଆସନ ପାଇଁ ଧର୍ମେନ୍ଦ୍ର ପ୍ରଧାନଙ୍କ ନାଁ ଘୋଷଣା ହେବା ପରେ ସେ ପ୍ରଥମ ଥର ପାଇଁ ସମ୍ବଲପୁରରେ ପହଂଚିଛନ୍ତି। ସେହିଭଳି ଶିକ୍ଷା ଭବନରେ ଧୁମଧାମରେ ରଙ୍ଗର ପର୍ବ ପାଳନ ହୋଇଛି। ମନ୍ତ୍ରୀ ଅଶୋକ ପଣ୍ଡା, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଧର୍ମଶାଳ ବିଧାୟକ ପ୍ରଣବ ବଳବନ୍ତରାୟ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ସମେତ ଏଇଠି ହୋଇଛନ୍ତି ବହୁ ନେତା ଓ କର୍ମୀ ହୋଲି ଖେଳିଥିଲେ। ପରସ୍ପରକୁ ରଙ୍ଗ ବୋଳି ହୋଲି ଖେଳିଥିଲେ। ଆଗକୁ ନିର୍ବାଚନ ଥିବାରୁ ସମସ୍ତଙ୍କ ମନରେ ଭରି ରହିଛି ଉତ୍ସାହ।

ପୂର୍ବ ଶତ୍ରୁତା କୁ ନେଇ ବୋମା ମାଡ, ୩ ଆହତ

ସମ୍ବଲପୁର,୨୭/୩ (ନି/ପ୍ର): ସମ୍ବଲପୁରରେ ଫୁଟିଲା ବୋମା ଓ ମଙ୍ଗଳବାର ସନ୍ଧ୍ୟାରେ ସମ୍ବଲପୁର ମସଜିଦ୍ ସମ୍ମୁଖରେ ଏହି ବୋମାମାଡ ଘଟିଛି ଓ ଏକ ବୁଲେଟ ଉପରକୁ କିଛି ଦୂର୍ବୃତ ବୋମା ମାଡ କରି ଫେରାର ହୋଇଯାଇଛନ୍ତି ଓ ଘଟଣାରେ ବୁଲେଟର ଅନେକ ଭାଗ ଜଳିଯାଇଛି । ପୂର୍ବ ଶତ୍ରୁତାରୁ ଏଭଳି ହୋଇଥିବା ଅନୁମାନ କରାଯାଉଛି । ଖବର ପାଇ ଘଟଣାସ୍ଥଳରେ ସିଆରପିଏଫ୍ ଏବଂ ପୁଲିସ ପହଂଚି ତଦାରଗା କରୁଛନ୍ତି । ବୋମାମାଡରେ ୩ ଜଣ ସୁରୁତର ହୋଇଥିବାବେଳେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତେବେ ବୁଲେଟ ଚାଲାଳଙ୍କ ଉପରେ ବୋମାମାଡ଼ ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି କିଲ୍ଲାପାଳ ଅକ୍ଷୟ ସୁନାଲ ଅଗ୍ରଣ୍ଡାଲ ଓ ସହରରେ ଶାନ୍ତି ବଜାୟ ରଖିବା ଏବଂ ଗୁଜବ ଖବର କୁ ବିଶ୍ୱାସ ନ କରିବାକୁ ଅନୁରୋଧ କରିଛନ୍ତି ।

ରାଇଘରରେ ଧୂମଧାମରେ ହୋଲି ପର୍ବ ପାଳିତ

ରାଇଘର,୨୭/୩ (ନି/ପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବଡ଼ ଧୂମଧାମରେ ହୋଲି ପର୍ବ ପାଳିତ ହୋଇଯାଇଛି ।ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ବିଭିନ୍ନ ଂଚାୟତର.ଜଳିଆପଦର ବ୍ଲକବେଦୀ. ମୁଣ୍ଡିବେଦୀ .ଗ୍ରାମରେ ହୋଲି ପର୍ବକୁ ଏକ ନିଆରା ଢଙ୍ଗରେ ପାଳନ କରିଥିବା ଦେଖିବାକୁ ମିଳିଛି ।ଗ୍ରାମର ଆବାଳ ବୃଦ୍ଧ ବନିତା ସମସ୍ତେ ହୋଲି ଖେଳରେ ମସଗୁଲ ରହିଥିଲେ ।ବାଜା ମୃଦଙ୍ଗ ଧରି ସାର ସାର ଲି ନାଚି ଗାଇ ହୋଲି ଖେଳୁଥିବା ଦେଖିବାକୁ ମିଳିଥିଲା ।ପିଢ଼ି ପିଢ଼ି ଧରି ଏହି ପରମ୍ପରା ସେମାନେ ପାଳି ଆସୁଥିବା ଗ୍ରାମବାସୀ କୁହନ୍ତି ।ବେଶ ଶାନ୍ତି ଶୃଙ୍ଖଳାର ସହ ଏହି ହୋଲି ପର୍ବ ପାଳିତ ହୋଇଥିବା ଦେଖିବାକୁ ମିଳିଛି ।

ଦରଜାର ବେଳେ ମିନୁନି ଆସୁଲାନ୍ସ, ପୁଲିସ ପାଟ୍ରୋଲିଂ ଗାଡ଼ିରେ ହୁସ୍‌ପିଟାଲ ଯାଇ ଦୁର୍ଘଟଣାରେ ଆହତ ବ୍ୟକ୍ତି

ଗୁ ଉଦୟଗିରି,୨୭/୩ (ନି/ପ୍ର): ଦିନକୁଦିନ ଉଦ୍ଧମାଳ ଜିଲ୍ଲା ଗୁମୁସର ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ଂଚାୟତ କଳିଙ୍ଗା ଘାଟିରେ ଦୁର୍ଘଟଣା ଦେଖିବାକୁ ମିଳିଛି । ସେ ଛୋଟ ହେଉ କି ବଡ ଦୁର୍ଘଟଣା । ଏହିପରି ସ୍ଥଳେ ଅନେକ ସମୟରେ ଆମ୍ବୁଲାନ୍ସ ସେବା ମିଳିବା କଷ୍ଟସାଧ୍ୟ ହୋଇପଡୁଛି । ଆଜି ସେହିପରି ଏକ ଘଟଣା ଦେଖିବାକୁ ମିଳିଛି କଳିଙ୍ଗାରେ । ସୂଚନା ଅନୁସାରେ ଙ୍ଗଜାମ ଜିଲ୍ଲା ଭଞ୍ଜନଗର ଠାରୁ ଗୁ ଉଦୟଗିରି ଅଭିମୁଖେ ଯାଉଥିବା ବାଇକ୍ (ଓଡ଼ି ୩୨ଏଚ ୮୦୦୪) କଳିଙ୍ଗା ଘାଟି ଆରମ୍ଭ ଉଦ୍ଧବ ଢ଼ାବା ନିକଟରେ ଏକ ବୁଲ୍ଡୁରକୁ ଧକ୍କା ଦେଇଥିଲା । ଫଳରେ ଭାରସାମ୍ୟ ହରେଇ ବାଇକ୍ ଚାଳକ ଦୁର୍ଘଟଣାର ଶିକାର ହୋଇଥିଲେ। ସମାଜ ସେବୀ ଆମନ ଚନ୍ଦ୍ର



ଚାକିରି ଦେବା ନାଁରେ ଠକେଇ

ଝାରସୁଗୁଡ଼ା,୨୭/୩ (ନି/ପ୍ର): ଏକ କମ୍ପାନିରେ ଚାକିରି କରାଇଦେବା ପ୍ରତିଶ୍ରୁତି ଦେଇ ଆନ୍ଧ୍ରପ୍ରଦେଶର ୨ ଯୁବତୀଙ୍କୁ ଝାରସୁଗୁଡ଼ା ଆଣି ନେଟୱର୍କ ମାର୍କେଟିଂରେ ଲଗାଯାଇଥିଲା । ଏ ସଂପର୍କରେ ଜାଣି କୋଶଳସେନାର ସଦସ୍ୟମାନେ ପଙ୍କଜି ସବର ଥାନାରେ ଅଭିଯୋଗ କରିବା ପରେ ବିଟିଏମ୍ ଅଂଚଳରୁ ଉକ୍ତ ୨ ଯୁବତୀଙ୍କୁ ଉଦ୍ଧାର କରାଯାଇଛି । ସେମାନଙ୍କୁ କୋଶଳସେନାର ସଦସ୍ୟମାନେ ଟ୍ରେନ୍ ଯୋଗେ ଜାଜ୍ପିନାଡ଼ା ପଠାଇଛନ୍ତି। ସେପଟେ କିଛୁ ଚାକିରି ନାଁରେ ଯୁବତୀ ବୃୟଙ୍କୁ ଆଣିଥିବା ଏସ୍‌ଜେପିଏଲ୍ କମ୍ପାନି କି ଚା'ର କର୍ମଚାରୀଙ୍କ ବିରୋଧରେ କେ ?ଶସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବା ପୁଲିସ୍‌ର ଆଭିମୁଖ୍ୟ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୂର୍ବରୁ ବି ସବର ଥାନାଂଚଳରେ ଚାକିରି ଦେବା ନାଁରେ ଏଭଳି ଠକେଇ ଅଭିଯୋଗ ଆସିଥିଲେ ହେଁ ପୁଲିସ୍ ଅଭିଯୁକ୍ତଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରିଥିବା କଳିର ରହିଛି । ଅଭିଯୋଗ ଅନୁସାରେ, ୨ ମାସ ତଳେ ଜାଜ୍ପିନାଡ଼ାର ୨ ଯୁବତୀଙ୍କ ନିକଟକୁ ଝାରସୁଗୁଡ଼ାରୁ ଫୋନ୍ କଲ୍ ଯାଇଥିଲା । ସେମାନଙ୍କୁ ଉଦମ ବରମା ସାଙ୍ଗକୁ ରହିବା, ଖାଇବା ସୁବିଧା ଦିଆଯିବ ବୋଲି କୁହାଯାଇ ୨୨ ହଜାର ଟଙ୍କା ଲେଖାଏଁ ନିଆଯାଇଥିଲା । କେବଳ ସେତିକିନୁହେଁ, କମ୍ପାନି ଚାକିରି ହୋଇଥିବାରୁ ଏଥିରେ ଭବିଷ୍ୟତ ଭଲ ରହିଥିବା ନେଇ ମଧ୍ୟ ପ୍ରତିଶ୍ରୁତି ମିଳିଥିଲା । କିନ୍ତୁ ଯୁବତୀ ଦ୍ୱୟ ଝାରସୁଗୁଡ଼ାରେ ପହଂଚିବା ପରେ ସେମାନଙ୍କୁ ବିଟିଏମ୍‌ର ଏକ ଘରେ ରଖାଇ ଉଭୟଙ୍କ ମାଟ୍ରିକ୍ ସାର୍ଟିଫିକେଟ ଉକ୍ତ କମ୍ପାନିର କର୍ମଚାରୀ ନେଇ ଯାଇଥିଲେ । ପରେ ସେମାନଙ୍କୁ ନେଟୱର୍କ ମାର୍କେଟିଂ କରିବା ସାଙ୍ଗକୁ ଆଉ ଜଣେ ଲେଖାଏ ଯୁବକ ବା ଯୁବତୀଙ୍କୁ ଆଣି ଏଠାରେ ସାମିଲ୍‌କରିବାକୁବାଧ୍ୟ କରାଯାଇଥିଲା । ଠକେଇର ଶିକାର ହୋଇଥିବା ଜାଣି ଯୁବତୀ ଦ୍ୱୟ ଫେରିଯିବାକୁ ଚାହିଁଥିଲେ ହେଁ ମାର୍କେଟ୍ ସାର୍ଟିଫିକେଟ ବନ୍ଧକ ଥିବାରୁ ତାହା କରିପାରି ନଥିଲେ । ଏ ନେଇ ସେମାନେ ତାଙ୍କର ଜଣେ ବନ୍ଧୁଙ୍କୁ ଫୋନ୍ କରି ଜଣାଇଥିଲେ । ଆନ୍ଧ୍ରପ୍ରଦେଶରୁ ଗତକାଲି ଆଉ ଜଣେ ଯୁବତୀ ପହଂଚି କୋଶଳସେନା ସହିତ ଯୋଗାଯୋଗ କରିବା ପରେ ଉକ୍ତ ଯୁବତୀ ଦ୍ୱୟଙ୍କୁ ଉଦ୍ଧାର କରାଯାଇଥିଲା ।

ଅବିନିଆ ବର୍ଷାରେ ବେହାଲ କଳାହାଣ୍ଡି ଚାଷୀ: ୩୦ରୁ ୪୦ ପ୍ରତିଶତ ପିଆଜ ଚାଷ ନଷ୍ଟ

ଭବାନୀପାଟଣା,୨୭/୩ (ନି/ପ୍ର): କଳାହାଣ୍ଡି ଜିଲ୍ଲାରେ ଗତ ୨ ଦିନ ଧରି ଅବିନିଆ ବର୍ଷା ଯୋଗୁଁ କଳାହାଣ୍ଡି ଚାଷୀ ବେହାଲ ହୋଇ ପଡ଼ିଛନ୍ତି । ଚାଲି ଜାତୀୟ ଶସ୍ୟ, ପନିପରିବା ଓ ପିଆଜ ଚାଷୀ ବହୁଳ ଭାବରେ କ୍ଷତିଗ୍ରସ୍ତ ହୋଇଛନ୍ତି । ପ୍ରାୟ ୩୦ରୁ ୪୦ ପ୍ରତିଶତ ପିଆଜ ଓ ପନିପରିବା ଚାଷ ନଷ୍ଟ ହୋଇଥିବା ଆଶଙ୍କା କରାଯାଉଛି ।ପାଣିପାଗ ବିଭାଗର ରିପୋର୍ଟ ଅନୁଯାୟୀ ବୁଧବାର ଭବାନୀପାଟଣା ସବର ବ୍ଲକରେ ୧୨ ମିମି, କେସିଙ୍ଗା ବ୍ଲକ୍ ?ରେ ୩୩.୬ ମିମି, କର୍ଲାମୁଣ୍ଡା ବ୍ଲକ୍‌ରେ ୩୮ ମିମି, ମଦନପୁର ରାମପୁର ବ୍ଲକ୍‌ରେ ୪୬ ମିମି, କର୍ଲା ବ୍ଲକ୍‌ରେ ୩୫ ମିମି, ଲାଞ୍ଜିଗଡ଼ ବ୍ଲକ୍‌ରେ ୨୫.୮ ମିମି, ଥୁଆମୂଳ ରାମପୁର ବ୍ଲକ୍‌ରେ ୪ ମିମି, ଧର୍ମଗଡ଼ ବ୍ଲକ୍‌ରେ ୧୨ ମିମି, ଜୁନାଗଡ଼ ବ୍ଲକ୍‌ରେ ୨୩.୬ ମିମି, କଳମପୁର ବ୍ଲକ୍‌ରେ ୧୩.୨ ମିମି, ଜୟପାଟଣା ବ୍ଲକରେ ୪ ମିମି, କୋକସରା ବ୍ଲକ୍‌ରେ ୧୭ ମିମି ଓ ଖୋଲାମୁଣ୍ଡା ବ୍ଲକ୍‌ରେ ୪୩.୪ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଏହି ଅବିନିଆ ବର୍ଷା ଯୋଗୁଁ ଭେଣ୍ଡି, ଛଛି, କୋବି ସମେତ ବିଭିନ୍ନ ପନିପରିବା କ୍ଷତି ହୋଇଛି । ସେହିଭଳି ପିଆଜ ଚାଷୀମାନେ ପ୍ରାୟ ୩୦ରୁ ୪୦ ପ୍ରତିଶତ ନଷ୍ଟ ହୋଇଥିବା ଆଶଙ୍କା କରୁଛନ୍ତି । ଚାଲି ଜାତୀୟ ଶସ୍ୟ ପାଇଁ ଅମଳ ହୋଇଥିବା ମୁଗ, ବିରି ଖଳାରେ ଥିବା ବେଳେ ଗଛା ହେବାର ଆଶଙ୍କା ରହିଛି । ଉଭୟ ପନିପରିବା ଓ ପିଆଜ ଚାଷୀ ବାରମ୍ବାର ଅବିନିଆ ବର୍ଷା ଯୋଗୁଁ ଚିନ୍ତାରେ ପଡ଼ିଛନ୍ତି । ଗତବର୍ଷ ପିଆଜ ମୂଲ୍ୟ କମ୍ ଥିବା ଯୋଗୁଁ ଚାଷୀ କମ୍ ପରିମାଣର ଚାଷ କରିଥିଲେ । ଭବାନୀପାଟଣା ସବର ବ୍ଲକ ମାଟିଆ ଗ୍ରାମର ଚାଷୀ ଗୋପବନ୍ଧୁ ସାହୁଙ୍କ କହିବା ଅନୁଯାୟୀ ଗତଥର ପିଆଜ ମୂଲ୍ୟ କମ୍ ଥିବା ଯୋଗୁଁ ଏଥର ୨୦୦ ହେକ୍ଟର କମିରେ ପିଆଜ ଚାଷ କରିଛି । ଅବିନିଆ ବର୍ଷା ଯୋଗୁଁ ପ୍ରାୟ ୩୦ରୁ ୪୦% ପିଆଜ ଏବଂ ପନିପରିବା ଚାଷ ନଷ୍ଟ ହୋଇଛି ବୋଲି କହିଥିଲେ । ଧାନ ଚାଷ ପରିବର୍ତ୍ତେ ପନିପରିବା ଓ ଅନ୍ୟ ଚାଷ ପ୍ରତି ଆକୃଷ୍ଟ ହୋଇଥିବା ଚାଷୀ ବର୍ତ୍ତମାନ ପ୍ରକୃତିର ବାଲ ସାଧିବା ଯୋଗୁଁ ଅସୁଆରେ ପଡ଼ିଛନ୍ତି । ଏନେଇ ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ କିଶୋର ମହାଳିଙ୍କୁ ପଚାରିବାରୁ ବର୍ତ୍ତମାନ କର୍ମଚାରୀମାନେ ନିର୍ବାଚନ ତାଲିମରେ ଥିବା ଯୋଗୁଁ ସବିଶେଷ ରିପୋର୍ଟ ଆସିପାରି ନାହିଁ ଗୁରୁବାର ପ୍ରାଥମିକ ରିପୋର୍ଟ ଆସିବ ବୋଲି କହିଥିଲେ । ସେହିଭଳି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ପଚାରିବାରୁ ଚାଲି ଜାତୀୟ ଶସ୍ୟ କ୍ଷୟକ୍ଷତି ନେଇ ରିପୋର୍ଟ ଏପର୍ଯ୍ୟନ୍ତ ଆମର ହସ୍ତଗତ ହୋଇନାହିଁ ବୋଲି କହିଥିଲେ ।







ଇସ୍ପାତ ସହରର ବିଭିନ୍ନ ଅଚଂଳରେ ରଙ୍ଗର ପର୍ବ ହୋଲି

ରାଉରକେଲା,୨୭/୩ (ନି/ପ୍ର): ରାଉରକେଲା ସହରର ବିଭିନ୍ନ ଅଚଂଳରେ ରଙ୍ଗର ପର୍ବ ହୋଲି ପାଳନ କରିବା ସହିତ ଜଣେ ଅନ୍ୟର ଜଣଙ୍କୁ ଅବିର ଲଗାଇ ଶୁଭ କାମନା ଜଣାଇଥିଲେ । ହୋଲି ଅବସରରେ ଅବିର ଲଗାଇ ଏବଂ ମିଠା ଖୁଆଇ ପରସ୍ପରକୁ ଶୁଭେଚ୍ଛା ଜଣାଇବା ସହିତ ବହୁ ଉତ୍ସାହର ସହିତ ହୋଲି ପାଳନ କରାଯାଇଥିଲା । ହୋଲି ଅବସରରେ ବିଭିନ୍ନ ସଂଗଠନ ଦ୍ୱାରା ସବବତ ପକୋଡି ଏବଂ ସ୍ନାକ୍ସ ସହିତ ରଙ୍ଗ ପାଳନ କରାଯାଇଥିଲା । ରାଉରକେଲା ସହରରେ ବିଭିନ୍ନ ସ୍ଥାନରେ ଲୋକମାନେ ହୋଲି ଖେଳୁଥିବା ଦେଖିବାକୁ ମିଳିଥିଲା । ବିଶେଷକରି ରାଉରକେଲା ସହରର ବିଭିନ୍ନ ଅଚଂଳର ଛକ ଏବଂ ରାସ୍ତାରେ ଲୋକମାନେ ହୋଲି ଅବସରରେ ନାଚିବା, ଡେଇଁବା ଏବଂ ଡ୍ରମ ବଜାଇଥିବା ଦେଖିବାକୁ ମିଳିଥିଲା । ସେମାନେ ପରସ୍ପରକୁ ରଙ୍ଗ ଏବଂ ଅବିର ଲଗାଇ ହୋଲିର ଶୁଭ କାମନା କରିଥିଲେ । ସେହିପରି ଜଲଧାରୀ ନିଖିସରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଳାପ ରାୟ ରାଉରକେଲାବାସୀଙ୍କୁ ସମ୍ବୋଧିତ କରିଥିଲେ । ସେହିପରି ରାଉରକେଲା ସହରରେ ମୁଖ୍ୟ ରାସ୍ତାର ଚଢିକାସପୁରୀ ହୋଟେଲ ନିକଟରେ ଏକ ରଙ୍ଗୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିର୍ଦ୍ଧା ବାହର ରୋଡରେ ଥିବା ଯୁବକମାନେ ହୋଲି ପାଇଁ ପରସ୍ପରକୁ ରଙ୍ଗ ଲଗାଇ ଥିଲେ । ସେହିପରି ପାଖ୍ୟାର ହାଉସ୍ ଚକ୍, ଜନତା ନିଭାସ୍ ଗଲି, ମଧୁସୂଦନ ଛକରେ ଛୋଟ ପିଲାମାନଙ୍କ ମଧ୍ୟରେ ହୋଲିରେ ଉତ୍ସାହ ଦେଖିବାକୁ ମିଳିଥିଲା ।

ଏସଡିପିଓ ଅଭିଷେକ ପାଣିଗ୍ରାହୀଙ୍କୁ ଡି.ଜି.ପି ଡିସ୍କ ସମ୍ମାନ

ରାଜଗାଙ୍ଗପୁର, ୨୭/୩ (ନି/ପ୍ର): ରାଜ୍ୟ ସରକାର ଙ୍କ ପକ୍ଷରୁ ବିଭିନ୍ନ କ୍ଷେତ୍ର ରେ ପାରିଦର୍ଶତାରେ ସଫଳତା ହାସଲ କରିଥିବା ଦକ୍ଷ ପ୍ରଶାସକ ଙ୍କୁ ପ୍ରତି ବର୍ଷ ସମ୍ମାନୀତ କରି ଆସୁ ଛନ୍ତି । ତଦିତ ୨୩/୨୪ ବର୍ଷ ପାଇଁ ୧୦୮ ଜଣ ଦକ୍ଷ ପ୍ରଶାସକ ଙ୍କୁ ସମ୍ମାନୀତ କରିବା ପାଇଁ/ଡି.ଜି.ପି.ଡିସ୍କ ସମ୍ମାନ ରେ ମନୋନୀତି କରା ଯାଇଛି ସେହି ମଧ୍ୟରୁ ରାଜଗାଙ୍ଗପୁର ଏସ.ଡି.ପି.ଓ ଅଭିଷେକ ପାଣିଗ୍ରାହୀ ଅନ୍ୟତମ ସେପ୍ଟେମ୍ବର ୨୦୨୨ ରେ ରାଜଗାଙ୍ଗପୁର ଏସ.ଡି.ପି.ଓ ଭାବେ କାର୍ଯ୍ୟଭାର ଗ୍ରହଣ କରିବା ପରେ ବଡ଼ଗାଁ କୁଡ଼ା ଓ ରାଜଗାଙ୍ଗପୁର ଥାନା କ୍ଷେତ୍ର ରେ ଡକାୟତ ତୋରି ଅପହରଣ କୁକୁଡ଼ା ଲଢେର ଖେଳ ଲୁଟି ଏପରି ବହୁ ଅପରାଧୀ ଘଟଣା କୁ ସଫଳତା ସହ ପର୍ଦ୍ଦା ଫାଶ କରି ପାରିଛନ୍ତି । ଆଶନ୍ତା ୧ ଏପ୍ରେଲ ରେ ୮୯ ତମ ପୋଲିସ ପ୍ରତିଷ୍ଠା ଦିବସରେ ସମ୍ମାନୀତ କରିବା ପାଇଁ ଧାର୍ଯ୍ୟ କରା ଯାଇ ଥିବା ଜଣା ପଡିଛି ।

ନିରାଡ଼ମ୍ବର ଭାବେ ଉତ୍କଳ ଦିବସ ପାଳନ ଆସନ୍ତା ଏପ୍ରିଲ ୧ ରେ

ରାଉରକେଲା, ୨୭/୩(ନି/ପ୍ର): ଓ ଉତ୍କଳ ଦିବସ ପାଳନ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ପୂର୍ବସୁରୀ ଓ ମହାମନିଷୀ ମାନଙ୍କ ଆପ୍ରାଣ ଉଦ୍ୟମ ଫଳରେ ଆମେ ୧୯୩୬ମସିହା ଏପ୍ରିଲ ୧ତାରିଖ ଦିନ ଆମ ଓଡ଼ିଆ ଭାଷାକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଓଡ଼ିଶା ଗଠନ କରାଯାଇଥିଲା । ଯାହା ସମଗ୍ର ଭାରତବର୍ଷରେ ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ଭାବେ ମାନ୍ୟତା ପାଇଲା । ଏହାକୁ ମନେରଖିବା ପାଇଁ ପ୍ରତ୍ୟେକ ବର୍ଷ ଏପ୍ରିଲ ମାସ ୧ତାରିଖ କୁ ଉତ୍କଳ ଦିବସ ରୂପେ ପାଳନ କରି ଆସିଛୁ । ଏହାକୁ ଜାତି ଧର୍ମ ନିର୍ବିଶେଷରେ ବିଭିନ୍ନ ରାଜନୈତିକ ଦଳ, ସରକାରୀ, ବେସରକାରୀ, ସାହିତ୍ୟ, ସାଂସ୍କୃତିକ ଅନୁଷ୍ଠାନ ମହାସମାରୋହରେ ପାଳନ କରିଥାନ୍ତି । ଏହି ଅବସରରେ ପୂର୍ବସୁରୀ ମାନଙ୍କ ସ୍ମୃତି ଚାରଣ କରି ଶ୍ରଦ୍ଧା ଅର୍ପଣ କରିଥାଆନ୍ତି । ତେବେ ତଦିତବର୍ଷ ନିର୍ବାଚନ ଥିବାରୁ ଏହି ବିବସର ପାଳନ ହେବା ନହେବା ନେଇ ଅନିଶ୍ଚିତତା ଦେଖାଦେଇଥିଲା । ତେବେ ସହରର ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତାଗଣ ଏନେଇ ଅତିରିକ୍ତ କିଲ୍ଲାପାଳ ଙ୍କୁ ଭେଟକରି ଏସମ୍ପର୍କରେ ଅବଗତ କରାଇଥିଲେ । ତେବେ ଆଜି ଉତ୍କଳ ସମ୍ମିଳନୀର ସମ୍ପାଦକ ଅକ୍ଷୟ ଦାସ ଓ ଉତ୍କଳମେଳ ର ସମ୍ପାଦକ ଡ଼ଃ ପୀତବାସ ମିଶ୍ରଙ୍କ ନେତୃତ୍ୱରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଗଣ ଅତିରିକ୍ତ କିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଥିଲେ । କିଲ୍ଲା ଲୋକସମ୍ପର୍କ ଅଧିକାରୀ ସୀମା ପତିମା ଏଥିରେ ଉପସ୍ଥିତିରେ ହୋଇଥିବା ଏହି ଆଲୋଚନାଚକ୍ରରେ ବିଗତ ବର୍ଷ ଭଳି ତଦିତ ବର୍ଷ ମଧ୍ୟ ଉତ୍କଳ ଦିବସ ପାଳନ କରାଯିବ । ତେବେ ପୂର୍ବ ବର୍ଷ ଭଳି ଆଡ଼ମ୍ବରପୂର୍ଣ୍ଣ ନକରାଯାଇ ସହରରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ ଓ ସନ୍ଧ୍ୟାବେଳେ ମହାନଗର ନିଗମର କାର୍ଯ୍ୟାଳୟ ଠାରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ସରକାରୀ ସ୍ତରରେ ମଧୁସୂଦନ ମାର୍ଗ ସ୍ଥିତ ମଧୁ ବାବୁଙ୍କ ପ୍ରତିମୂର୍ତ୍ତିରେ ସାଢେ ୮ଟାରେ ମାଲ୍ୟାର୍ପଣ କରାଯିବ । ଏଥିରେ ସହରର ବିଭିନ୍ନ ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତାଗଣ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି । ଆଜିର ଏହି ଆଲୋଚନାବେଳେ ସହରର ବିଭିନ୍ନ ଅନୁଷ୍ଠାନ ଯଥା ପ୍ରଗତି ଉତ୍କଳ ସଂଘ, ଗୋପବନ୍ଧୁ ପାଠାଗାର, ବାସନ୍ତୀ ପାଠାଗାର, ଉତ୍କଳମଣି ଗୋପବନ୍ଧୁ ଓ୍ୱେଲଫେୟାର ଟ୍ରଷ୍ଟ, ବ୍ଲିନ୍ ଆଣ୍ଡ ଗ୍ରୀନ୍, ଭଳକୃଷ୍ଣ ସାରସ୍ୱତ ସ୍ମୃତି ସଂଘ, ସଚେତନ ନାଗରିକ ମଂଚ, ଉତ୍କଳ ସମ୍ମିଳନୀ, ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରୀୟ ମହାସଭା,ସେବା ଶ୍ରଦ୍ଧା ସହଯୋଗ ସମିତି, ବସୁଧୈବ କୁଟୁମ୍ବକମ୍, ଧାମରା ସଂଘ, ଉତ୍କଳମେଳ, ସଂକଳ୍ପ, ଆଦର୍ଶ ପାଠାଗାର, ମଧୁସୂଦନ ପାଠାଗାର, ସୂର୍ଯ୍ୟରେଖା, ସୁନାଫୁଲ ସାହିତ୍ୟ ସଂସଦ, ଅଗ୍ରଗାମିନୀ, ଶାରଳା ସାଂସ୍କୃତିକ ପରିଷଦ, ଆରଏସପି ଅବସରପ୍ରାପ୍ତ କର୍ମଚାରୀ ସଂଘ, ଯୁବ ହଷ୍ଟେଲ,ଫାଇନ ଆର୍ଟ ଏକାଡେମୀ, ଜଳିଙ୍ଗ ବିକାଶ ପରିଷଦ,ସ୍ୱସ୍ତି,ଅଙ୍କର୍ଷ ଫୋରମ୍, ପ୍ରତିବିବଗୁଞ୍ଜା, ଅନ୍ୱେଷଣ, ଶିକ୍ଷାଂଚଳ ଲେଖକ ସମାଜ ଚରପରୁ ସର୍ବଶ୍ରୀ ବସନ୍ତକୁମାର ମାଝି,ଅରବିନ୍ଦ ପାତ୍ର, ଅଜୟ ପ୍ରଧାନ, ଅରୁଣ କୁମାର ପରିଡ଼ା, ରାଧାମୋହନ ନାୟକ, କୃଷ୍ଣବିହାରୀ ରାଉତ, ହରିହର ଶତପଥୀ, ଅକ୍ଷୟ କୁମାର ଧଳ, ଚପଲିନୀ ବହିଦାର, ସସ୍ମିତା ପ୍ରଧାନ, ବିଚିତ୍ରାନନ୍ଦ ସାହୁ, ନଳିନୀକାନ୍ତ ଧର, ମନୋରଞ୍ଜନ ଦାସ, ନିରଞ୍ଜନ ସାମଲ, ସରୋଜ ପାତ୍ର, ଜ୍ଞାନରଞ୍ଜନ ମିଶ୍ର, ବଳରାମ ଦାଶ, ସଚକା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ବିପୁଳ ପରିମାଣରେ ବିଦେଶୀ ମଦ ସହ ଫ୍ରିଜ ଜବତ

ରାଉରକେଲା,୨୭/୩ (ନି/ପ୍ର): ଟିମ୍ ପାଖ୍ୟାର ହାଉସ ରୋଡ୍ ସ୍ୱାଟଂସାଇଡ୍ ପୋଲିସର ସ୍ୱେଶାଲ ଅଚଂଳରେ ଥିବା ଜ୍ଞାନୀ ଢ଼ାବାରେ ବିପୁଳ ପରିମାଣରେ ବିଦେଶୀ ମଦ ଜବତ କରିଛି । ଆଶ୍ଚର୍ଯ୍ୟର କଥା ଢ଼ାବା ବନ୍ଦ ରହିଛି । ଢ଼ାବା ଭିତରେ ବେଆଇନ ଭାବରେ ମଦ ରଖାଯାଇଥିଲା । ତାଲା ଭାଙ୍ଗି ପୋଲିସ ବିଦେଶୀ ମଦ ଜବତ କରିଥିଲେ । ୧୧୭ ବୋତଲ ବିଅର, ୩ଟି ଫ୍ରିଜ ସହ ୧୨୫ ଲି ବିଦେଶୀ ମଦ ଜବତ କରିଥିଲେ । କୌଣସି ଲୋକଙ୍କୁ ଗିରଫ କରାଯାଇ ନାହିଁ । ହୋଲିକୁ ନେଇ ବେଆଇନ ଭାବରେ ଢ଼ାବାରେ ବିଦେଶୀ ମଦ ରଖାଯାଇଥିଲା ।

ସେଲ୍, ଆରଏସପି ଦ୍ୱାରା ଗ୍ଲୋବାଲ୍ ପରିବେଶ ପୁରସ୍କାର ୨୦୨୪ରେ ସମ୍ମାନଜନକ ପ୍ଲାଟିନମ୍ ପୁରସ୍କାର ଲାଭ

ରାଉରକେଲା, ୨୭/୩ (ନି/ପ୍ର):ନୂଆଦିଲ୍ଲୀ ଠାରେ ରେ ଆୟୋଜିତ ଗ୍ଲୋବାଲ୍ ଲ୍ଲିନ୍ ଏନର୍ଜି ସମ୍ମିଳନୀ ୨୦୨୪ରେ ଗ୍ଲୋବାଲ୍ ପରିବେଶ ପୁରସ୍କାର ୨୦୨୪ ଅନ୍ତର୍ଗତ ସେଲ୍, ରାଉରକେଲା ଲଣ୍ଡାର କାରଖାନା (ଆରଏସପି) କୁ ସମ୍ମାନଜନକ ପ୍ଲାଟିନମ୍ ପୁରସ୍କାର ପ୍ରଦାନ କରାଯାଇଛି । ଆରଏସପି ତରଫରୁ ପରିବେଶ ଇଞ୍ଜିନିୟରିଂ ବିଭାଗର ଜିଏମ ଶ୍ରୀ ଜି ଜି ଆର ମୂର୍ତ୍ତି, ଏବଂ ବିଜିନେସ ଏକ୍ସଲେନ୍ସ ବିଭାଗର ଜିଏମ୍ ଶ୍ରୀ ଅନୁବିନ୍ଦ ମହାନ୍ତି ଏହି ପୁରସ୍କାର ଗ୍ରହଣ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଆରଏସପି ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲା ଏବଂ ସର୍ବୋଚ୍ଚ ପୁରସ୍କାର ଅର୍ଥାତ୍ ପ୍ଲାଟିନମ୍ ପୁରସ୍କାର ଲାଭ କରିଥିଲା । ପ୍ରତ୍ୟେକ କ୍ଷେତ୍ରରେ ପରିବେଶ ପରିଚାଳନାରେ ଆରଏସପିର ଉତ୍କୃଷ୍ଟ ପ୍ରୟାସର ଏକ ଶ୍ୱୀକୃତି ଭାବରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ମୂଳନାଯୋଗ୍ୟ ଯେ, ଆରଏସପି ସ୍ଥାପନା ଦିନଠାରୁ ପ୍ରଗତିଶୀଳ ରୂପେ ଅତ୍ୟାଧୁନିକ ପରିବେଶ ଅନୁକୂଳ ଉନ୍ନାତ ପ୍ରଯୁକ୍ତି ଜ୍ଞାନକୌଶଳ ଗ୍ରହଣ କରିଆସୁଛି । ଆରଏସପି ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବ୍ୟାପକ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପସୂଚିକ ମଧ୍ୟରେ ମଲ୍ଟି ସାଇକ୍ଲୋନ୍, ଡ୍ରେଟ ସ୍ପ୍ରେର୍, ବ୍ୟାଗ୍ ହାଉସ୍, ଇଲେକ୍ଟ୍ରୋଷ୍ଟାଟିକ୍ ପ୍ରେସିପିଟେଟର ଏବଂ ଡ୍ରାଇ ଫଗ ସପ୍ରେସନ ବ୍ୟବସ୍ଥା ଇତ୍ୟାଦି ଅନ୍ତର୍ଭୁକ୍ତ । ସ୍ମାଙ୍ଗ ନିର୍ଗମନ ଉପରେ ନଜର ରଖିବା ଏବଂ ନିୟନ୍ତ୍ରଣ କରିବା ପାଇଁ ଅତ୍ୟାଧୁନିକ ପ୍ରଣାଳୀ ଯେପରିକି ଅନଲାଇନ୍ ଆମ୍ବିଏଣ୍ଟ୍ ଏୟାର କ୍ୱାଲିଟି ମନିଟରିଂ ସିଷ୍ଟମ୍ ଏବଂ ଅନଲାଇନ୍ କଣ୍ଟିନ୍ୟୁୟସ ଷ୍ଟାକ ଏମିସନ ମନିଟରିଂ ସିଷ୍ଟମ୍ ପରିଚାଳନା କରୁଛି । ଆହୁରି ମଧ୍ୟ, ଉତ୍ପାଦିତ ବର୍ଜ୍ୟଜଳ ଟ୍ରିଟମେଣ୍ଟ ପ୍ଲାଣ୍ଟ ଇଣ୍ଟେନିଟିକ ଭାବରେ ବିଭିନ୍ନ ୟୁନିଟ୍ ଗୁଡିକରେ ସ୍ଥାପିତ ହୋଇଛି, ଯାହା ବିଶୋଧିତ ଜଳର ଉତ୍ପାଦନ ପ୍ରକ୍ରିୟାରେ ପୁନଃସଂଚାଳନ ସୁନିଶ୍ଚିତ କରୁଛି । ଅନଲାଇନ୍ ୟୁଏଚ୍ କ୍ୱାଲିଟି

ମଧୁବୈଶ୍ୟ ସମାଜର ବାର୍ଷିକୋତ୍ସବ ଅନୁଷ୍ଠିତ

ରାଉରକେଲା, ୨୭/୩: ସେକ୍ଟର ୨୦ସ୍ଥିତ ଗଣେଶ ମନ୍ଦିର ପରିସରରେ ମଧୁବୈଶ୍ୟ ସମାଜର ୪୫ତମ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଲଣ୍ଡାଚ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଭବାନୀ ଶଙ୍କର ତନ୍ଦେଇ ମୁଖ୍ୟଅତିଥି ଭାବେ ଯୋଗଦେଇ ମଧୁବୈଶ୍ୟ ସମାଜର ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ । ଆଜଳିଏଚ ର ଡେପୁଟି ଡାଇରେକ୍ଟୋର ମଧୁମିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂଗଠନର ଏକତା ଓ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ସାହୁ ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ସଭାପତି ନକୁଳ ଚନ୍ଦ୍ର ସାହୁ ସମାଜର ସର୍ବାଙ୍ଗୀନ ଜନୁତି ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ କାମିନୀ ମେଧା ଓ ସୀତା ମେଧା ପୁରସ୍କାର ବାବଦରେ ନଗଦ ଅର୍ଥ ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ମଧୁବୈଶ୍ୟ ସମାଜର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସାଧାରଣ ସମ୍ପାଦକ କାଶୀନାଥ ସାହୁ ବାର୍ଷିକ ବିବରଣୀ ଓ ଶେଷରେ କାର୍ଯ୍ୟକାରୀ ସଭାପତି ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ସାହୁ, ସୁଦୀପ୍ତ କୁମାର ସାହୁ, ତ୍ରିଲୋଚନ ପୃଷ୍ଟି, ଅକ୍ଷୟ ସାହୁ, ଅଶୋକ ସାହୁ, ଚନ୍ଦ୍ରକାନ୍ତ ସାହୁ,ନରେନ୍ଦ୍ର ସାହୁ, ଗଙ୍ଗାଧର ସାହୁ, ନିମାଇଁ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

ଅଲଇଣ୍ଡିଆ ଇଟ୍‌ର ୟୁନିଭେର୍ସିଟି କରାଟେ ଚାମ୍ପିୟନସିପ୍ ଓଡିଶାରୁ ରାଜୀବ ସିଂ ରେଫରୀ

ରାଉରକେଲା,୨୭ /୩: ବର୍ତ୍ତମାନ ସ୍ଥିତ ପଞ୍ଜାବ ୟୁନିଭରସିଟି ର ଜିମନାସିଅମ ହଲ ଠାରେ ୧୬ ରୁ ୧୯ ତିଖ ପର୍ଯ୍ୟନ୍ତ ଅଲଇଣ୍ଡିଆ ଇଟ୍‌ର ୟୁନିଭରସିଟି କରାଟେ ଚାମ୍ପିୟନସିପ ଅନୁଷ୍ଠିତ ହୋଇ ଯାଇଛି । ଦେଶର ଚାରୋଟି ଜୋନ ରେ ଆୟୋଜିତ ଜୋନାଲ ୟୁନିଭେର୍ସିଟି କରାଟେ ଚାମ୍ପିୟନସିପ ରେ ଉତୀର୍ଣ୍ଣ ହୋଇ ୧୩୭ ଟି ୟୁନିଭେରସିଟି ରୁ ପ୍ରାୟ ଏକହଜର ପୁରୁଷ ଓ ମହିଳା କରାଟେକା ଚାରିଦିନ ଧରି ଆୟୋଜିତ ଏହି ଚାମ୍ପିୟନସିପ ରେ ଅଂଶଗ୍ରହଣ କରିଥିଲେ । ବିଶ୍ୱ କରାଟେ ଫେଡେରେସନ, ଆସିୟ କରାଟେ ଫେଡେରେସନ ଓ କରାଟେ ଇଣ୍ଡିଆ ଅର୍ଗାନାଇଜେସନ (କିଓ)ର ଶ୍ୱୀକୃତି ପ୍ରାପ୍ତ ପ୍ରାୟ ୯୫ ଜଣ ରେଫରୀ, ଜଜ ଓ ଅଫିସିଆଲ ଏହି ଚାମ୍ପିୟନସିପ କୁ ପରିଚାଳନା କରିଥିଲେ, ପଞ୍ଜାବ ୟୁନିଭେର୍ସିଟି ର ସ୍ପୋର୍ଟ୍ସ ଓ ଫିଜିକାଲ ଏଜୁକେସନ ଡାଇରେକ୍ଟର ପ୍ରଫେସର ବଲବନ୍ତ ସିଂ , ଟୁର୍ନାମେଂଟ ଡାଇରେକ୍ଟର ସେନସାଇ ଅନିଳେଚ ଗୁପ୍ତା ଓ ପଞ୍ଜାବ ରାଜ୍ୟ କରାଟେ ଆସୋସିଏସନ ର ସମ୍ପାଦକ ସେନସାର ରାଜେଶ ଯୋଶୀ ଙ୍କ ପ୍ରତକ୍ଷ ତତ୍ୱାବଧାନରେ ରେ ଏହି ଚାମ୍ପିୟନସିପ ସୁଚାରୁ ରୂପେ ପରିଚାଳନା ହୋଇ ଥିଲା । ଓଡିଶା ରୁ ଏସିୟ ଜଜ ରାଜୀବ କୁମାର ସିଂ ଏହି ଚାମ୍ପିୟନସିପ ରେ ଉପସ୍ଥିତ ରହି ସଫଳତାର ସହ ରେଫରୀ ଓ ଜଜ ଦାୟିତ୍ୱ ତୁଲାଇ ଥିଲେ । ଏଥିପାଇଁ (କିଓ) ର ମେଂଟର ହାଂଶୀ ଭାରତ ଶର୍ମା ଓ ଓଡିଶା ରାଜ୍ୟ କରାଟେ ଂଘ ର ସଭାପତି ହାଂଶୀ ଡ଼ ହରିପ୍ରସାଦ ପଟ୍ଟନାୟକ ଙ୍କୁ ରାଜୀବ ସିଂ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ବରିଷ୍ଠ ବିଜେପି ନେତା ଉପେନ୍ଦ୍ର ପ୍ରଧାନଙ୍କ ଇସ୍ତଫା

ରାଜଗାଙ୍ଗପୁର ୨୭/୩(ନି/ପ୍ର):୨୪/ନିର୍ବାଚନ ପୂର୍ବରୁ ବିଭିନ୍ନ ଦଳରୁ ବହୁ ପୂର୍ବତ୍ତା ନେତା ମାନେ ଇସ୍ତଫା ଦେବା ସହ ଦଳ ବଦଳର ପର୍ବ ଜାରି ରହିଥିବା ବେଳେ ଗତ ୨୯ ବର୍ଷ ବିଜେପି ର ବିଭିନ୍ନ ସଂଗଠନରେ ରହି କାର୍ଯ୍ୟ କରି ଆସୁଥିବା ବିଜେପି ର ବରିଷ୍ଠ କର୍ମୀ ଭସେନ୍ଦ୍ର ପ୍ରଧାନ ତାଙ୍କ ପ୍ରାଥମିକ ସଦସ୍ୟ ପଦରୁ ତାଙ୍କ ଇସ୍ତଫା ପତ୍ର କୁ ରାଜ୍ୟ ସଭାପତି ଙ୍କୁ ପ୍ରେରିତ କରିଥିବା ଏକ ପ୍ରେସ ବାର୍ତ୍ତାରେ ପ୍ରଦାନ କରିଥିଲେ । ତାଙ୍କ ଅଭିଯୋଗ ଗତ ୨୯ ବର୍ଷ ମଧ୍ୟରେ ୧୯୯୫ ମସିହାରେ ସରକାରୀ ଚାକିରୀ ଛାଡି ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ରୁ ବିଜେପି ପକ୍ଷରୁ ବିଧାୟକ ପଦ ପାଇଁ ନିର୍ବାଚନ ଲଢ଼ିଥିଲି ଓ ୧୯୯୬ ରେ ଆର ଏସ ଏସରେ ଶିକ୍ଷା ଦାନ କରି ଆସୁଥିଲି ୧୯୯୬ରେ ରାଜ୍ୟ ଆଦିବାସୀ ମୋର୍ଚ୍ଚାର ସଭାପତି କାର୍ଯ୍ୟ ଭାର ନେଇ ସୁଚାରୁ ରୂପେ ସମ୍ପାଦନ କରି ଆସିଥିଲେ । ୧୯୯୯ରେ ରାଜ୍ୟ ଆଦିବାସୀ ସେଲ ର ସଭାପତି ରେ ରହିଥିଲି ୨୦୦୦ ମସିହାରେ ବାଙ୍ଗୁପଡା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ରେ ଦୁଇ ଥର ଅଧକ୍ଷ ପଦ ରେ ରହି ଆସିଛିନ୍ତି । ୨୦୧୪ ରେ ବିଜେପି ପକ୍ଷରୁ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ରୁ ବିଧାୟକ ପଦରେ ଲଢ଼ି ପ୍ରାୟ ୪୦ ହଜାର ଭୋଟ ରେ ନେଇ ବିଜେପିର ମମ୍ବାଦ୍ୟ ପର୍ଦ୍ଦ ଦେଇ ପାରିଥିଲେ । ୨୦୧୯ ନିର୍ବାଚନ ରେ ମୋ ପ୍ରତି ଅନ୍ୟାୟ କରାଯାଇ ନୂତନ ଭାବେ ଦଳରେ ସାମିଲି ଥିବା ଜଣେ ପ୍ରାର୍ଥୀ କୁ ବିଧାୟକ ପଦ ପାଇଁ କୌଣସି ବରିଷ୍ଠ କର୍ମୀଙ୍କୁ ନ ପଚାରି ତାଙ୍କୁ ଟିକେଟ ଦିଆ ଯାଇ ଥିଲା କିନ୍ତୁ ମୋର ପୁରା ସମର୍ଥନ ଦଳୀୟ ପ୍ରାର୍ଥୀ ଙ୍କୁ ବିଜୟୀ କରିବା ପାଇଁ ଉଦ୍ୟମ ଜାରି ରଖି ପ୍ରାୟ ୧୦୦୦ ଭୋଟ ବ୍ୟବଧାନ ରେ ପରାସ୍ତ ହେବାକୁ ପଡିଥିଲା ।ସୁନ୍ଦରଗଡ଼ ବିଧାନସଭା କ୍ଷେତ୍ର ରେ ନିର୍ବାଚନ ପ୍ରଚାର ପାଇଁ ଦାୟିତ୍ୱ ଦିଆ ଯାଇଥିଲା ସେଠାରେ ବିଧାୟକ। ଙ୍କୁ ନିର୍ବାଚନ ରେ ବହୁ ଭୋଟ ରେ ବିଜୟୀ ଲାଭ ହୋଇ ଥିଲେ କ୍ଷ ତା ପର ଠାରୁ କୌଣସି ସଭା ସମିତି କୁ ଡକା ଯାଉ ନଥିଲା କିନ୍ତୁ ପ୍ରତେକ ଦଳୀୟ କାର୍ଯ୍ୟରେ ଭାଗ ନେଇ ଆସୁଥିଲି । କିନ୍ତୁ ମୋ ପ୍ରତି ଯେଉଁ ଦୋଷ ଠେସା କାର୍ଯ୍ୟ ଦଳୀୟ କ୍ଷେତ୍ରରେ କରାଗଲା ତାକୁ ନେଇ ମୁଁ ବାଧ୍ୟ ହୋଇ ସଭ୍ୟ ପଦ ରୁ କ୍ରମାଙ୍କ ୧୦୦୪୪୩୦୬୫୬ ରୁ ଇସ୍ତଫା ପତ୍ର ରାଜ୍ୟ ସଭାପତିଙ୍କୁ ପ୍ରେରିତ କରିଥିବା ସ୍ଥାନୀୟ ଅଗ୍ରସେନ ଭବନ ଠାର ପ୍ରେସ୍ର ବାର୍ତ୍ତା ରେ କହିଛନ୍ତି ।

ହରିଆଣା ନାଗରିକ ସଂଘ ପକ୍ଷରୁ ହୋଲି ମିଳନ ସମାରୋହ ଅଗ୍ରସେନ ଭବ